**ପାରମ୍ପରିକ ପ୍ରାକୃତିକ ଚିକିତ୍ସା ଶିବିର**

ନୀଳଗିରି,(ପ୍ରଶାନ୍ତ ବିଶ୍ୱାଳ)-ନୀଳଗିରି ଜଗନ୍ନାଥ ମନ୍ଦିର ନିକଟରେ ଡା. ଦୀପକ ରାଉତଙ୍କ ତତ୍ତ୍ୱାବଧାନରେ ଏକ ଦୁଇଦିନିଆ ମାଗଣା ପାରମ୍ପରିକ ପ୍ରାକୃତିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଚର୍ମ, ପେଟ, ଅମ୍ଳଦୋଷ, ଆଣ୍ଠୁଗଣ୍ଠି, ବାତ, ରକ୍ତଚାପ, ଶିରରୋଗ, କାନ୍ଧ, ଗୋଇଠି, ବେକ ଯନ୍ତ୍ରଣା, ଶ୍ୱାସ ରୋଗ, ମାନସିକ ରୋଗ, ବ୍ରେନଷ୍ଟ୍ରୋକ, ଅଣ୍ଟାବ୍ୟଥା, ସ୍ତ୍ରୀ ରୋଗ, ଡାଇବେଟିସ, ଅର୍ଦ୍ଧକପାଳି, ପାରାଲାଇସିସ ପ୍ରମୁଖ ରୋଗର ଚିକିତ୍ସା ହୋଇଥିଲା। ୨ ଶହରୁ ଊର୍ଦ୍ଧ୍ୱ ରୋଗୀ ଏହି ଶିବିରରେ ଚିକିତ୍ସିତ ହୋଇଥିଲେ।



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ବାହାନଗା, ୧୮।୧୦(ଅରୂପ କୁମାର ଦାସ)-ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ ଉପରଆଡିଆ ଗ୍ରାମର ନିରଞ୍ଜନ ଖିଲାରଙ୍କ ସ୍ତ୍ରୀ ମୀନତି ପୋଖରୀରେ ଗାଧୋଉଥିବା ବେଳେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସେ ଗାଧୋଉଥିବା ବେଳେ ତାଙ୍କ ଗୋଡ଼ ଖସିଯିବାରୁ ଏଭଳି ଅଘଟଣ ଘଟିଛି। ପରେ ପରିବାର ଲୋକେ ଚାରିଆଡେ ଖୋଜାଖୋଜି କରି ପୋଖରୀରେ ମୃତଦେହ ଭାସୁଥିବା ଦେଖିଥିଲେ। ମହିଳାଙ୍କୁ ଉଦ୍ଧାର କରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣିଥିଲେ। ସେଠାରେ ଡାକ୍ତର ମୀନତିଙ୍କୁ ମୃତ ଘୋଷଣ କରିଥିଲେ। ସୋର ଥାନା ପୋଲିସ ଗୋପାଳପୁରରେ ପହଞ୍ଚି ମୃତଦେହ ଜବତ କରିଛି। ଏନେଇ ସୋର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୭୫/୨୩) ରୁଜୁ ହୋଇଛି।

### ଆଞ୍ଚଳିକ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା

ଗୋପବନ୍ଧୁ ନଗର,୧୮।୧୦ (ଶାନ୍ତନୁ କୁମାର ମଢୁଆଳ)- ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ କଲେଜ ପକ୍ଷରୁ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ଅନୁଷ୍ଠାନସ୍ତରୀୟ ସାଂସ୍କୃତିକ ଏବଂ କ୍ରୀଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ୪ ଦିନିଆ କ୍ରୀଡା ଉତ୍ସବକୁ ଅଧକ୍ଷ ଅନନ୍ତ ପ୍ରସାଦ ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ସଂଗୀତ, ନୃତ୍ୟ, ରଚନା, ବିତର୍କ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଫୁଟବଲ, ଭଲିବଲ, ବ୍ୟାଡମିଣ୍ଟନ, କ୍ୟାରମ, ଚେସ୍, ଦୌଡ, ଡିସକସ, ସଟପୁଟ, ଉଚ୍ଚ ଡିଆଁ, ଲମ୍ବ ଡିଆଁ ପ୍ରଭୃତି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳିକା ବିଭାଗରୁ ରୀନା ସିଂ ଓ ବାଳକ ବିଭାଗରୁ ଗୌର ସିଂ ଚାମ୍ପିୟନ ହୋଇଥିଲେ। ବାଳକ ବିଭାଗରୁ ବିକାଶ ମହାନ୍ତ ଓ ବାଳିକା ବିଭାଗରୁ ଗନଗୁନ ଦାସ ପ୍ରତିନିଧିତ୍ୱ କରିଥିଲେ। ମହା ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପରିଚାଳନା କମିଟିର ସଭାପତି କୃଷ୍ଣମୋହନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଖେଳ ଶିକ୍ଷକ ସୁକାନ୍ତି ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଖେଳ ପରିଚାଳନାରେ ଅଧ୍ୟାପକ ମନୋଜ କୁମାର ସାହୁ, ଗୋପାଳକୃଷ୍ଣ ନାୟକ, ଦୁର୍ଗାଦତ୍ତ ବେହେରା, ଅଧାପିକା କବିତା ପରିଡା, ଇପସିତା ମୋନାଲିସା ମିଶ୍ର, ଜ୍ୟୋତିରୂପା ମହାପାତ୍ର, ସସ୍ମିତା ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ।

### ମହାବିଦ୍ୟାଳୟ ପରିସରରେ ଚାରାରୋପଣ

ଭଦ୍ରକ,୧୮।୧୦(ସନାତନ ରାଉତ)- ଭଦ୍ରକ ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଜିଲାପାଳଙ୍କ ପତ୍ର ସଂଖ୍ୟା- ୪୬୧୩ ଅନୁଯାୟୀ ଚାରାରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଡ. ନିତ୍ୟାନନ୍ଦ ମିଶ୍ର, କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ ଡ. ପ୍ରମୋଦ କୁମାର ନାୟକ, ବିଦ୍ୟାଳୟର ପ୍ରଧାନ ପଣ୍ଡିତ ଅକ୍ଷୟ କୁମାର ପାଣିଗ୍ରାହୀ, ୨୬ନଂ. କାଉନ୍‌ସିଲର ଜୁଲୁଫକର ଅଲ୍ଲି, ସାମାଜିକକର୍ମୀ ରାଜଲକ୍ଷ୍ମୀ ମହାପାତ୍ର, ଅଧାପକ ଶୁକଦେବ ପଣ୍ଡା, ଗାୟତ୍ରୀ ମହାନ୍ତି, ମଞ୍ଜୁଲତା ମହାପାତ୍ର, ରଘୁନାଥ ନାୟକଙ୍କ ସମେତ ଛାତ୍ରୀଛାତ୍ରମାନେ ଚାରାରୋପଣ କରିଥିଲେ।

### ଯନ୍ତ୍ରାଂଶ ଦୋକାନ ସଟର ଭାଙ୍ଗି ଦେଢ଼ ଲକ୍ଷ ନେଇଗଲେ

ଯୋଡ଼ା,୧୮।୧୦(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରର ମହାବୀର ଛକରେ ଥିବା ଭବାନୀ ଅଟୋ ଏଜେନ୍ସି ଯନ୍ତ୍ରାଂଶ ଦୋକାନର ସଟର ଭାଙ୍ଗି ଦୁର୍ବୃତ୍ତ ମଙ୍ଗଳବାର ବିଳମ୍ବିତ ରାତିରେ ଦେଢ଼ ଲକ୍ଷ ଟଙ୍କା ଚୋରି କରି ନେଇଥିବା ଜଣାପଡ଼ିଛି। ଲୁଟ୍ ବେଳର ପୁରା ଦୃଶ୍ୟ ଦୋକାନ ଭିତରେ ଲାଗିଥିବା ସିସିଟିଭିରେ ରେକର୍ଡ ହୋଇଛି। ଏ ନେଇ ଅଭିଯୋଗ ପରେ ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ୨ ଜଣ ଦୋକାନର ସଟର ଭାଙ୍ଗି ଦୋକାନ ଭିତରକୁ ପ୍ରବେଶ କରିବା ପରେ ସେଠାରେ ଥିବା କ୍ୟାସ କାଉଣ୍ଟର ଭାଙ୍ଗି ଟଙ୍କା ନେଉଥିବା ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ତେବେ ଦୁର୍ବୃତ୍ତ ଆଣିଥିବା ଏକ ଧାରୁଆ ଅସ୍ତ୍ର ଦୋକାନ ଭିତରେ ଛାଡ଼ିଯାଇଥିଲେ। ଦୋକାନ ମାଲିକ ବୁଧବାର ଦୋକାନ ଖୋଲିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ପୋଲିସକୁ ଜଣାଇବା ପରେ ଯୋଡ଼ା ପୋଲିସ ଅସ୍ତ୍ରକୁ ଜବତ କରି ଅନୁସନ୍ଧାନ ଆରମ୍ଭ କରିଛି।

# ଚିନ୍ତା ବଢ଼ାଇଲେଣି ଚକଡ଼ା, ଗଣ୍ଡି ପୋକ



ଚମ୍ପୁଆ,୧୮।୧୦(ମହେଶ୍ୱର ଦାସ)

- ୬୦ ଏକର ଧାନଫସଲ ପ୍ରଭାବିତ
- ରୋଗପୋକ କ୍ଷୟକ୍ଷତିକୁ ବୀମାକରଣ ଦାବି

କେନ୍ଦୁଝର ଜିଲା ଚମ୍ପୁଆ କୃଷି ଜିଲା ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଚକଡ଼ା ଓ ଗଣ୍ଡି ପୋକ ଚାଷୀଙ୍କ ଚିନ୍ତାର କାରଣ ସାଜିଛି। ଦିନକୁ ଦିନ ଏହି ରୋଗ ଧାନକ୍ଷେତକୁ ଉଜାଡ଼ି ଦେଉଥିବା ବେଳେ ରୋଗ ପ୍ରତିରୋଧକ ପାଇଁ କୃଷି ବିଭାଗ ପକ୍ଷରୁ କରାଯାଉଥିବା ଉଦ୍ୟମ ସଫଳ ହୋଇପାରୁନାହିଁ। ଫଳରେ ଖର୍ଚ୍ଚ ତୁଳନାରେ ଆବଶ୍ୟକ ଅମଳକୁ ନେଇ ଚାଷୀ ଆଶଙ୍କାରେ ରହିଛନ୍ତି।

ସୂଚନା ଅନୁଯାୟୀ, ଚମ୍ପୁଆ ବ୍ଲକ୍‌ର ଜାଲି ପଞ୍ଚାୟତର ଟାଙ୍ଗରବନ୍ତଳା, ନିଶ୍ଚିନ୍ତପୁର, ବର୍ଦ୍ଧନା, ଜଜପୋଶି ପଞ୍ଚାୟତର କଙ୍କଡ଼ା, ବାଉଟିଆପଦା, ବଳା, ବୁଢ଼ାମରା, ସଡ଼ଙ୍ଗି ପଞ୍ଚାୟତର ସଡ଼ଙ୍ଗି, ଖୁଣ୍ଟାପଡ଼ା, ନିଉଣ୍ଡି, ଅଙ୍କୁଡ଼ି, ଭୁଇଁପୁର ପଞ୍ଚାୟତର ଭୁଇଁପୁର, ଟାଙ୍ଗରନାଳି, କମଣ୍ଡ (କ) ଓ (ଖ), ଭଦପୋଶି, ଜ୍ୟୋତିପୁର ପଞ୍ଚାୟତର ଜ୍ୟୋତିପୁର, ବଣକାଟି, ଗୋବିନ୍ଦପୁର, କାଳିକାପ୍ରସାଦ ପଞ୍ଚାୟତର ବସିରା, ଭଣ୍ଡା ପଞ୍ଚାୟତର କଂସରା, ସୁନାପୋଶି ପଞ୍ଚାୟତର ସୁନାପୋଶି, ବଡ଼ନଇ ପଞ୍ଚାୟତର ସାନନଇ (କ) ଓ (ଖ), ବଡ଼ନଇ, ସରେଇ ପଞ୍ଚାୟତର ସରେଇ, କରଞ୍ଜିଆ ପଞ୍ଚାୟତର କରଞ୍ଜିଆ, କାଟୁଲିକନା, କାଶିପାଳ ପଞ୍ଚାୟତର କାଶିପାଳ ପ୍ରମୁଖ ଅଞ୍ଚଳର ପ୍ରାୟ ୬୦ ଏକର ଜମି ପୋକ ଦ୍ୱାରା ପ୍ରଭାବିତ ହୋଇଛି। ୫୧ ହେକ୍ଟର ଜମିରେ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାଯାଇଛି। ମାତ୍ର ଏଥିରେ କୌଣସି ଫଳ ମିଳିନଥିବା ଚାଷୀ କହିଛନ୍ତି। ବ୍ଲକ୍ କୃଷି ଅଧିକାରୀ ନୀଳ ମାଧବ ଦାଶ କହିଛନ୍ତି, ଚଳିତ ବର୍ଷ ଅଞ୍ଚଳରେ ଚକଡ଼ା ଓ ଗଣ୍ଡି ପୋକ ଦ୍ୱାରା ପ୍ରାୟ ୬୦ ହେକ୍ଟର ଜମି ପ୍ରଭାବିତ ହୋଇଥିଲା। କୃଷି ବିଭାଗ ପକ୍ଷରୁ କ୍ଷେତ ପରିଦର୍ଶନ କରାଯାଇ ରୋଗ ପୋକ ନିୟନ୍ତ୍ରଣ ପାଇଁ ଚାଷୀଙ୍କୁ ଉପଯୁକ୍ତ ପରାମର୍ଶ ସହ ସବ୍‌ସିଡିରେ କୀଟନାଶକ ପ୍ରଦାନ କରାଯାଉଛି।

### ଏମାନେ କ'ଣ କୁହନ୍ତି..



ସରକାର ପ୍ରାକୃତିକ ବିପର୍ଯ୍ୟରେ କ୍ଷୟକ୍ଷତି ପାଇଁ ବୀମା ବ୍ୟବସ୍ଥା କରିଛନ୍ତି। ମାତ୍ର ଆମର କିଛି ବର୍ଷ ହେବ ରୋଗ ପୋକ ଦ୍ୱାରା ଚାଷ ପ୍ରଭାବିତ ହେଉଛି। ରୋଗ ପୋକ କ୍ଷୟକ୍ଷତିର ଯଦି ବୀମାକରଣ କରାଯାଆନ୍ତା, ତେବେ ଚାଷୀ ଉପକୃତ ହୁଅନ୍ତେ।

**-ଚାଷୀ ଦୀନବନ୍ଧୁ ଗିରି, ରଜିଆ**



ଚମ୍ପୁଆରେ ବର୍ଷ ସାରା ହାତୀ ଉପଦ୍ରବ ଫଳରେ ଅନେକ ଏକର ଧାନ ଚାଷ ଉଜୁଡ଼ି ଯାଉଛି। ତାହା ସହିତ ରୋଗ ପୋକ ଚାଷୀଙ୍କ ଅଣ୍ଟା ଭାଙ୍ଗି ଦେଲାଣି।

**-ଚାଷୀ ଅକ୍ଷୟ କୁମାର ମହାକୁଡ଼, ମଥୁରାପୁର**



ଚଳିତ ବର୍ଷ ଶୋଷକ ପୋକ ଦ୍ୱାରା ପ୍ରାୟ ୨ ଏକର ଚାଷ ଜମି ପ୍ରଭାବିତ ହୋଇଛି। ଅନେକ ଟଙ୍କା ଖର୍ଚ୍ଚ କରି ଚାଷ କରିଥିଲେ ମଧ୍ୟ ଅମଳକୁ ନେଇ ଚିନ୍ତିତ ଅଛି। ସରକାର ଯଦି ରୋଗ ପୋକକୁ ବିମାଭୁକ୍ତ କରନ୍ତେ ମୂଳ ଅର୍ଥ ଆମେ ଫେରି ପାଆନ୍ତୁ।

**-ଚାଷୀ କୃଷ୍ଣ ଚନ୍ଦ୍ର ସୁଣ୍ଡି, ନୁଆଗାଁ**

# ଅଭିଯୁକ୍ତ ବାପ-ପୁଅ ଗିରଫ

ଯୋଡ଼ା,୧୮।୧୦(ମାନସ ମହାନ୍ତି)

**ଯୁବକଙ୍କୁ ହତ୍ୟା ଘଟଣା**

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦାରେ ଜଣେ ଯୁବକଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ବିଲେଇପଦା ଅଞ୍ଚଳର ଗୌତମ ଲୋହାର ଓ ତାଙ୍କ ପୁଅ। ଅଭିଯୁକ୍ତ ଦ୍ୱୟ ପୂର୍ବରୁ ଜଣଙ୍କୁ ହତ୍ୟା ଉଦ୍ୟମ କରିଥିବା ବେଳେ ମାମଲା ବିଚାରାଧୀନ ରହିଛି। ଉକ୍ତ ଘଟଣାରେ ମୃତ ଯୁବକ ସାକ୍ଷୀ ରହିଥିଲେ।

ସୂଚନାଯୋଗ୍ୟ, ସୋମବାର ବିଲେଇପଦା ବଜାରଠାରୁ ଅଳ୍ପ ଦୂରରେ ଥିବା ନାଳ ନିକଟ ବୁଦା ଭିତରେ ଦୁର୍ଗାପ୍ରସାଦ ନାଏକ ନାମକ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ପୋଲିସ ଜବତ କରିଥିଲା। ଏ ନେଇ ମୃତକଙ୍କ ସ୍ତ୍ରୀ ରୀନା ଥାନାରେ ଏକ ହତ୍ୟା ଅଭିଯୋଗ କରିଥିଲେ। ହତ୍ୟା ଉଦ୍ୟମ ଘଟଣାର ସାକ୍ଷୀ ନ ହେବାକୁ ଅଭିଯୁକ୍ତ କହିଥିବା ବେଳେ ଦୁର୍ଗାପ୍ରସାଦ ମନାକରିବାରୁ ହତ୍ୟାକାଣ୍ଡ ଭିଆଇଥିବା ଅଭିଯୋଗରେ ଉଲ୍ଲେଖ ରହିଥିଲା। ପୋଲିସ ଅଭିଯୋଗକୁ ଆଧାରକରି ଘଟଣାର ତଦନ୍ତ କରି ହତ୍ୟାକାଣ୍ଡରେ ଅଭିଯୁକ୍ତ ବାପ ଓ ପୁଅକୁ ଗିରଫ କରିଛି। ପୋଲିସ ଏକ ହତ୍ୟା ମାମଲା (ନଂ. ୨୯୬/୨୩) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛି।

# ମିଶନ ଶକ୍ତି ମହିଳାଙ୍କୁ ସ୍କୁଟି ବଣ୍ଟନ



ମିଶନ ଶକ୍ତିର ଜଣେ ମହିଳାଙ୍କୁ ବିଧାୟକ ସ୍କୁଟି ଚାବି ପ୍ରଦାନ କରୁଛନ୍ତି।

ଭଣ୍ଡାରିପୋଖରୀ,୧୮।୧୦ (ରବିନାରାୟଣ ଖିଲାର)

ମିଶନଶକ୍ତି ବିଭାଗ ପକ୍ଷରୁ ଏମବିକେ, ସିଆରପି ଓ ଇସି ମେମ୍ବରଥିବା ମହିଳାଙ୍କୁ ସ୍କୁଟି ମିଳିଛି। ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀସ୍ଥିତ ଭଣ୍ଡାରିପୋଖରୀ ବ୍ଲକ୍ ପରିସର ମିଶନ ଶକ୍ତି ଗୃହରେ ବ୍ଲକ୍‌ସ୍ତରୀୟ ସମସ୍ତ ମିଶନ ଶକ୍ତିର ମହିଳାମାନଙ୍କୁ ସ୍କୁଟି ବଣ୍ଟନ କରାଯାଇଛି। ରାଜ୍ୟ ସରକାରଙ୍କ ସ୍କୁଟି ଯୋଜନା ମାଧ୍ୟମରେ ବିଧାୟକ ପ୍ରଫୁଲ୍ଲ ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍କୁଟି ପ୍ରଦାନ କରିଥିଲେ। ଏଥିରେ ବ୍ଲକ୍ ଅଧକ୍ଷା ସୁମତୀ ସେଠୀ, ବିଡ଼ିଓ ଦେବଦତ୍ତ ଦାସ, ଜିଲାପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ବଦ୍ରିନାରାୟଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସଙ୍ଗୀତ, କଳାରେ ମନଯୋଗୀ ହେବାକୁ ପରାମର୍ଶ



ମଞ୍ଚରେ ଉପସ୍ଥିତ ଅତିଥିଗଣ।

ବାଲେଶ୍ୱର, ୧୮।୧୦(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଶିଳ୍ପାଞ୍ଚଳସ୍ଥିତ ଉଦ୍ୟୋଗ ଭବନଠାରେ କେଏଲ୍‌ଏମ୍-୧୨ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସୁମହନ ମ୍ୟୁଜିକ୍‌ର ସଭାପତି ଲୋକପ୍ରିୟ ଗାୟକ ସୁଜିତ ଭୋଇ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସାମାଜିକ କର୍ମୀ ସୁବାସିନୀ ଜେନା, ଶ୍ରଦ୍ଧାଞ୍ଜଳି ରାୟ, ରୋଟାରିୟାନ ସୁବ୍ରତ କର, ବିକ୍ରମ ପଣ୍ଡା, କବି ପ୍ରଶାନ୍ତ ଦାସ, ପ୍ରତିମା ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପ୍ରତିଯୋଗିତାର ଆୟୋଜକମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏଥିସହ ପ୍ରତିଯୋଗୀଙ୍କୁ ସଙ୍ଗୀତ, କଳାରେ ମନଯୋଗୀ ହେବାକୁ ପରାମର୍ଶ ଦେଇଥିଲେ। ପ୍ରତିଯୋଗିତାର ବିଚାରକ ଭାବେ ସଙ୍ଗୀତ ନିର୍ଦ୍ଦେଶକ ଉଜ୍ଜଳ ଚାନ୍ଦ, ପ୍ରମୋଦ ଦାସ, କାଜଲ କେଶ ଓ ଅମୃତାଂଶୁ ପଟ୍ଟନାୟକ ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାର ଜୁରୀ ଭାବେ ଶାସ୍ତ୍ରୀୟ ସଙ୍ଗୀତ ଗାୟିକା ମମତା ହାଜରା, ସଙ୍ଗୀତ ନିର୍ଦ୍ଦେଶକ ସାଇ ଶୁଭଙ୍କର, ବିଭାସ ମହାରଣା ଓ ଗାୟିକା ମୌସୁମୀ ଦାସ କାର୍ଯ୍ୟ ସମ୍ପାଦନ କରିଥିଲେ। ସବ୍‌ଜୁନିଅର ବିଭାଗରେ ପ୍ରତୀକ୍ଷା ପଟ୍ଟନାୟକ ପ୍ରଥମ ହୋଇଥିବା ବେଳେ ସିଦ୍ଧିକ୍ଷା ପ୍ରହରାଜ ଦ୍ୱିତୀୟ ଓ ବିଜେତା ପରିଡ଼ା ତୃତୀୟ ହୋଇଥିଲେ। ଜୁନିଅର ବିଭାଗରେ ହରିଓମ୍ ଶରଣମ୍ ପ୍ରଥମ ହୋଇଥିବା ବେଳେ ଆଦ୍ୟାଶା ରାଉତ ଦ୍ୱିତୀୟ ଓ ସ୍ମିତିଶ୍ରୀୟା ମହାନ୍ତି ତୃତୀୟ ହୋଇଥିଲେ। ସିନିଅର ବିଭାଗରେ ସ୍ୱାତୀସ୍ମିତା ଦାସ ପ୍ରଥମ ହୋଇଥିବା ବେଳେ ଆଦ୍ୟାଶା ଦାଶ ଦ୍ୱିତୀୟ ଓ ଦେବାଶିଷ ପଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାର ୩ଗୋଟି ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ବିଜେତାଙ୍କ ସହ ମୋଟ ୩୦ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସଙ୍ଗୀତ ଗୁରୁ ମୁକ୍ତିକାନ୍ତ ମହାନ୍ତିଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରି ମାନପତ୍ର ଦିଆଯାଇଥିଲା।

### ନାରାୟଣ ଜିଲା ଭାଜପା ଯୁବମୋର୍ଚ୍ଚା ଉପସଭାପତି

ବାଲେଶ୍ୱର, ୧୮।୧୦ (ମାନସ ବିଶ୍ୱାଳ)- ବାଲେଶ୍ୱର ଜିଲା ଭାଜପା ଯୁବମୋର୍ଚ୍ଚା ଟିମ୍ ଘୋଷଣା ହୋଇଛି। ଏଥିରେ ରେମୁଣା ନିର୍ବାଚନମଣ୍ଡଳୀର ଯୁବନେତା ନାରାୟଣ ମହାନ୍ତଙ୍କୁ ଜିଲା ଯୁବ ମୋର୍ଚ୍ଚା ଉପସଭାପତି ଭାବେ ଦାୟିତ୍ୱ ମିଳିଛି। ଯୁବମୋର୍ଚ୍ଚା ଜିଲା ଉପସଭାପତି ଭାବେ ଦାୟିତ୍ୱ ପାଇବା ପରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ଜିଲା ଭାଜପା ସଭାପତି ଉମାକାନ୍ତ



ମହାପାତ୍ର, ରେମୁଣା ନିର୍ବାଚନମଣ୍ଡଳୀ ନେତା ତଥା ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଏବଂ ଜିଲା ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ରଙ୍କୁ ଧନ୍ୟବାଦ ଦେଇଛନ୍ତି। ଆଗାମୀ ଦିନରେ ବାଲେଶ୍ୱର ଯୁବମୋର୍ଚ୍ଚା ସଙ୍ଗଠନକୁ ଆଗେଇ ନେବା ସହିତ ସମସ୍ତ ଯୁବକଙ୍କୁ ଏକ ହୋଇ ଭାରତକୁ ଆଗେଇ ନେବା ପାଇଁ ଆହ୍ୱାନ ଦେଇଥିଲେ।

# ମହିଳାଙ୍କୁ ଗଣ ବଳାତ୍କାର, ହତ୍ୟା ଘଟଣାରେ ୨ ଗିରଫ

ପାଟଣା,୧୮।୧୦(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଆହାରପଡ଼ା ଫିଲଡ଼ ସାହିରୁ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଜବତ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଆହାରପଡ଼ା ଫିଲଡ଼ ସାହିର ଲେପା ମୁଣ୍ଡା(୪୬) ଓ ରବୀନ୍ଦ୍ର ମୁଣ୍ଡା(୪୩)। ଅଭିଯୁକ୍ତ ଦ୍ୱୟ ୬ ସନ୍ତାନଙ୍କ ଜନନୀ ଉକ୍ତ ବିଧବା ମହିଳାଙ୍କୁ ସୋମବାର ରାତିରେ ଅତି ଅମାନୁଷିକ ଭାବେ ଗଣବଳାତ୍କାର ପରେ ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ କରିବାକୁ ମହିଳାଙ୍କ ତଣ୍ଟି ଚିପି ହତ୍ୟା କରିଥିବା ଉଭୟେ ପୋଲିସ ଆଗରେ ସ୍ୱୀକାର କରିଥିବା ପାଟଣା ଥାନା ଅଧିକାରୀ ଦୀପ୍ତିରଞ୍ଜନ ସାହୁ କହିଛନ୍ତି। ଏନେଇ ପାଟଣା ଥାନାରେ ଏକ ମାମଲା(ନଂ.୧୮୭/୨୩) ରୁଜୁ ହୋଇଛି। ଉଭୟଙ୍କର ବୁଧବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ମାଇନା କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ମୃତ ମହିଳା ଆହାରପଡ଼ା ଫିଲଡ଼ ସାହିକୁ ସମ୍ପର୍କୀୟଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଯାଇଥିଲେ।

# 'ମୋ ଦେଶ ମୋ ମାଟି' କାର୍ଯ୍ୟକ୍ରମ

ବାଲିଆପାଳ, ୧୮।୧୦(ଗୋପାଳ ଚନ୍ଦ୍ର ସାହୁ)

ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଦିଲ୍ଲୀରେ ହେବାକୁ ଥିବା 'ଅମୃତ ବାଟିକା' ପାଇଁ ବାଲିଆପାଳ ବ୍ଲକସ୍ତରୀୟ 'ମୋ ଦେଶ ମୋ ମାଟି' କାର୍ଯ୍ୟକ୍ରମ ବୁଧବାର ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ଓବିସି ମୋର୍ଚ୍ଚା ସଭାପତି ଅରବିନ୍ଦ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଦିଲ୍ଲୀରେ ପ୍ରତିଷ୍ଠା ହେବାକୁଥିବା ଅମୃତବାଟିକା ପାଇଁ ବାଲିଆପାଳ ବ୍ଲକର ବିଭିନ୍ନ ପଞ୍ଚାୟତରୁ ସଂଗ୍ରହ କରାଯାଇଥିବା ଅମୃତ କଳସରେ ମାଟିକୁ ଦିଲ୍ଲୀ ପଠାଯାଉଛି। ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି ମହେଶ୍ୱର ଜେନା, ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବାଲିଆପାଳ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଅମୃତ କଳସକୁ ଭାଜପା କର୍ମୀମାନେ ଶୋଭାଯାତ୍ରାରେ ଆଣି ବାଲିଆପାଳ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ପହଞ୍ଚିବା ପରେ ଜିଲା ସଭାପତିଙ୍କୁ ହସ୍ତାନ୍ତର କରିଥିଲେ।

# ସ୍ୱଚ୍ଛତା ଅଭିଯାନରେ ୫ଶହ ସାମିଲ

ଭୋଗରାଇ, ୧୮।୧୦(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମହେଶପୁର ପଞ୍ଚାୟତକୁ ସ୍ୱଚ୍ଛ ଓ ସତେଜ ରଖିବାକୁ ସଂକଳ୍ପ ନେଇଛନ୍ତି ପଞ୍ଚାୟତବାସୀ। ଏଥିପାଇଁ ସରପଞ୍ଚ ବରେନ୍ଦ୍ର କୁମାର ପାତ୍ରଙ୍କ ନେତୃତ୍ୱରେ ମହେଶପୁର, ରଇମାନପୁର ଓ ଅଲାଲବିନ୍ଧା ଗ୍ରାମର ୫ଶହରୁ ଊର୍ଦ୍ଧ୍ୱ ମହିଳାପୁରୁଷ ପ୍ରଥମ ପର୍ଯ୍ୟାୟରେ ସ୍ୱଚ୍ଛତା ଅଭିଯାନରେ ଅଣ୍ଟା ଭିଡ଼ିଛନ୍ତି। ମଙ୍ଗଳବାର ୩ ଗ୍ରାମର ଅଧିକାଂଶ ମହିଳା ଆଗଭର ହୋଇ ପଞ୍ଚାୟତରେ ଡେଙ୍ଗୁଜନିତ ରୋଗର ଭୟାବହତା ସମ୍ପର୍କରେ ସଚେତନତା କରିବା ସହ ପଞ୍ଚାୟତକୁ ବ୍ଲକରେ ୧ ନମ୍ବର ସ୍ୱଚ୍ଛ ଓ ସତେଜ ରଖିବା ନିମନ୍ତେ ହାତରେ ଝାଡୁ ଓ ଝୁଡି ଧରି ଗାଁ ଦାଣ୍ଡ, ମନ୍ଦିର, ବିଦ୍ୟାଳୟ ଚାରିପାଖରେ ପରିଷ୍କାର ରଖିବା ସହିତ ଦଳପୂର୍ଣ୍ଣ ପୋଖରୀକୁ ସଫାସୁତୁରା କରିଥିଲେ। ଏହି ଅଭିଯାନରେ ବିଡ଼ିଓ ଶଙ୍କର ପଟ୍ଟନାୟକ ଯୋଗଦେଇ ପଞ୍ଚାୟତବାସୀଙ୍କ ଏଭଳି ନିଆରା ସାମାଜିକ ଉଦ୍ୟମ ଅନ୍ୟ ପଞ୍ଚାୟତବାସୀଙ୍କୁ ଉତ୍ସାହିତ କରିବା ସହିତ ଏହି ପଞ୍ଚାୟତ ଏକ ନୂତନ ଉଦାହରଣ ସୃଷ୍ଟି କରିଛି ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ପ୍ରଦୀପ ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ସୁନୀତା ଭଞ୍ଜ, ଜିଆରଏସ୍ ଦିଲୀପ ପ୍ରଧାନ ସାମିଲ ଥିଲେ।

# 'ବାସିଖାଦ୍ୟ ବିକିଲେ କାର୍ଯ୍ୟାନୁଷ୍ଠାନ'

ଭଦ୍ରକ, ୧୮।୧୦(ସନାତନ ରାଉତ)

- ଜିଲାସ୍ତରୀୟ ଆଡ୍‌ଭାଇଜରି କମିଟି ବୈଠକ
- ଖାଦ୍ୟ ନିରାପତ୍ତା ଲାଇସେନ୍ସ, ପଞ୍ଜୀକରଣ ଓ ଧରପଗଡ଼ ଉପରେ ଗୁରୁତ୍ୱ

ଭଦ୍ରକ ଜିଲାର ସହରାଞ୍ଚଳ, ଗ୍ରାମାଞ୍ଚଳରେ ଥିବା ଛୋଟ, ମଧ୍ୟମ, ବଡ଼ ହୋଟେଲ, ରେଷ୍ଟୁରାଣ୍ଟ, ହାଟ, ବଜାର, ରାସ୍ତାପାର୍ଶ୍ୱ, ମେଳା ଆଦିରେ ଖାଦ୍ୟ ନିରାପତ୍ତା ଓ ସୁରକ୍ଷା ପାଇଁ ଜିଲାସ୍ତରୀୟ ଆଡ୍‌ଭାଇଜରୀ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଜୁମ୍ ଜରିଆରେ ଅନୁଷ୍ଠିତ ବୈଠକରେ ବାସିଖାଦ୍ୟ, କୃତ୍ରିମ ନିଷିଦ୍ଧ ରଙ୍ଗଯୁକ୍ତ ଖାଦ୍ୟ ଧରପଗଡ଼ ସହ ଖାଦ୍ୟ ନିରାପତ୍ତା ଲାଇସେନ୍ସ ଓ ପଞ୍ଜୀକରଣ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଆଗକୁ ପାର୍ବଣ ଋତୁରେ ଏହି ଧରପଗଡ଼, ଜରିମାନା ଆଦାୟ ଆଦି ଦିଗରେ ବିଭାଗ ଅଧିକ ସକ୍ରୀୟ ହେବା ସହ ଖାଦ୍ୟ ଉତ୍ପାଦନକାରୀ ଓ ବ୍ୟବସାୟୀମାନଙ୍କୁ ଏ ଦିଗରେ ସଚେତନ କରାଯିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଖାଦ୍ୟ ବ୍ୟବସାୟୀ, ବିତରଣ, ପାଇକାରୀ, ଖୁଚୁରା, ଦୁଗ୍ଧଶାଳା, ରେଷ୍ଟୁରାଣ୍ଟ ୪ ତାରକା ପର୍ଯ୍ୟନ୍ତ ହୋଟେଲ ବ୍ୟବସାୟ କରୁଥିବା କିମ୍ବା ବ୍ୟବସାୟ ଆରମ୍ଭ କରିବାକୁ ଆଗ୍ରହୀମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଖାଦ୍ୟ ନିରାପତ୍ତା ଅଫିସ୍‌ରେ ଲାଇସେନ୍ସ ଓ ରେଜିଷ୍ଟ୍ରେସନ କରିବା ବାଧ୍ୟତାମୂଳକ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଜୁମ୍ ଜରିଆରେ ଜିଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀଧର ଦାଶ, ଅତିରିକ୍ତ ଏସ୍‌ପି ବିଜୟ ରଞ୍ଜନ କେରେକେଟା, ଡେଜିଗ୍‌ନେଟେଡ୍ ଖାଦ୍ୟ ନିରାପତ୍ତା ଅଧିକାରୀ, ଏଡିପିଏଚ୍‌ଓ ଡା. ଭାରତୀ ରାଉତ, ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଡ଼ି ହୋଇଥିଲେ।

# ବାଘଡ଼ା ରୋଡ୍‌ରେ ଟ୍ରାଫିକ ସମସ୍ୟା

ବାରିପଦା,୧୮।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହରର ଜନଗହଳିପୂର୍ଣ୍ଣ ବାଘଡା ରୋଡ୍‌ରେ ଟ୍ରାଫିକ ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଏହାର ସମାଧନ ନେଇ ମଙ୍ଗଳବାର ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକମାନେ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି। ସତ୍ୟସାଇ ଛକରୁ ପାଣ୍ଡେ ମଧ୍ୟ ଇଂରାଜୀ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଦୁଇ କଡ଼ରେ ବସ୍ ଠିଆହେବା ଯୋଗୁ ଯାତାୟାତରେ ନାହିଁ ନ ଥିବା ସମସ୍ୟା ସୃଷ୍ଟି ହେଉଛି। ଅଧିକାଂଶ ସମୟରେ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଛି। ଫଳରେ ଏହି ରାସ୍ତା ଦେଇ ଯାଉଥିବା ସ୍କୁଲ, କଲେଜ ପିଲାଙ୍କଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ ଅସୁବିଧା ଭୋଗୁଛନ୍ତି। ଗମନାଗମନର ସୁବିଧା ପାଇଁ ରାସ୍ତା ଧାରରେ ଥିବା ବହୁ ପୁରାତନ ଗଛକୁ କାଟି ରାସ୍ତା ସମ୍ପ୍ରସାରିତ କରାଯାଇଥିଲା। ମାତ୍ର ସମ୍ପ୍ରସାରଣ ପରଠାରୁ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ବସ୍ ତଥା ଅନ୍ୟାନ୍ୟ ଚାରି ଚକିଆ ଯାନବାହନ ରଖାଯାଉଥିବାରୁ ଦିନକୁ ଦିନ ଦୁର୍ଘଟଣା ବଢ଼ି ଚାଲିଛି। ବୟସ୍କ ଲୋକେ ସକାଳେ ବାହାରେ ବୁଲିବାକୁ ଭୟ କରୁଛନ୍ତି । ପୂର୍ବରୁ ଏ ନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସମାଧାନ ନ ହେବାରୁ ଶେଷରେ ବରିଷ୍ଠ ନାଗରିକମାନେ ଜିଲାପାଳଙ୍କୁ ଭେଟି ସ୍ଥାୟୀ ସମାଧାନ ନିମନ୍ତେ ଦାବି କରିଛନ୍ତି। ସୌମ୍ୟକର ମହାପାତ୍ରଙ୍କ ଆବାହକତ୍ୱରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦାଙ୍କ ମଧ୍ୟରେ ଶୁଭେନ୍ଦୁ ମହାପାତ୍ର, ଅଶୋକ କୁମାର ମହାନ୍ତି, ଶରତ କୁମାର ଦାସ, ପ୍ରଦୀପ ଆଚାର୍ଯ୍ୟ, ଚିତ୍ତ ରଞ୍ଜନ ମହନ୍ତ, ଅଭିଜିତ ମହାନ୍ତି, ଦୀପକ କୁମାର ନାଏକ, ଲଳିତ କୁମାର ବାରିକ, ଦିଲ୍ଲୀପ କୁମାର ପାତ୍ର, ଚାନ୍ଦ୍ରୟ ହାଁସଦା, ଦୋଳଗୋବିନ୍ଦ ବାରିକ ପ୍ରମୁଖ ଜିଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ। ଜିଲାପାଳ ଏହି ସମସ୍ୟାକୁ ହୃଦୟଙ୍ଗମ କରି ଖୁବ୍ ଶିଘ୍ର ସ୍ଥାୟୀ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

**ଜିଲାପାଳଙ୍କୁ ଭେଟିଲେ ବରିଷ୍ଠ ନାଗରିକ**



ବରିଷ୍ଠ ନାଗରିକମାନେ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଦାବିପତ୍ର ଦେଉଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୯ ଅକ୍ଟୋବର ୨୦୨୩

## ଜଳେଶ୍ୱର କଂଗ୍ରେସର ମିଶ୍ରଣ ପର୍ବ

ଜଳେଶ୍ୱର,(ରବିନାରାୟଣ ପାତ୍ର)-ଜଳେଶ୍ୱର ଟାଉନ କଂଗ୍ରେସ ପକ୍ଷରୁ ନଗର ସଭାପତି ଗିରିଜାଶଙ୍କର ଦାସଙ୍କ ସଭାପତିତ୍ୱରେ କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ୭ନଂ. ୱାର୍ଡ ଶାସନବାର୍ଡର ସଦୁ ସାହାଙ୍କ ବାସଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ଆଇନଜୀବୀ ସତ୍ୟସୁନ୍ଦର ଦାସ, ବ୍ଲକ ସଭାପତି ରାଜୀବ ପରିଡା, ଜିଲା ସମ୍ପାଦକ ହେମନ୍ତ ଗିରି, ଜଗଦୀଶ ନନ୍ଦି, ସବ୍ୟସାଚୀ ଦାସ, ଫରିହ ଅହମ୍ମଦ, ଅଜିତ୍ ଖାଁ, ଏନାମୋର ସାହା, ମଇତା ଖାନ ପ୍ରମୁଖ ଯୋଗ ଦେଇଥିଲେ ।



## ଆଜି କ'ଣ କେଉଁଠି

ବାଲେଶ୍ୱର
- ଜିଲାସ୍ତରୀୟ ଶିଶୁ ଉତ୍ସବ 'ମହକ ଓ ଉତ୍ସାହ-୨୦୨୩'
- ସ୍ଥାନ: ଉତ୍କଳ ବାଲାଶ୍ରମ, ସମୟ: ପୂର୍ବାହ୍ନ ୯ଟା ୩୦ମିନିଟ୍।

# ଜିଲାରେ ନାହିଁ ଟ୍ରମା କେୟାର ସେଣ୍ଟର

କେନ୍ଦୁଝର,୧୮।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଉପଖଣ୍ଡ ଡାକ୍ତରଖାନାରେ ଟ୍ରମା କେୟାର ସେଣ୍ଟର ନାହିଁ। ଫଳରେ ଜିଲାରେ ପ୍ରାୟ ପ୍ରତ୍ୟେକ ଦିନ ଦୁର୍ଘଟଣାଜନିତ ଜୀବନହାନି ହେଉଛି। ବହୁ ଲୋକ ଆହତ ହୋଇ ବିକଳାଙ୍ଗ ହେଉଛନ୍ତି। ଦୁର୍ଘଟଣା ପରେ ଆବଶ୍ୟକ ଚିକିତ୍ସା ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

ପ୍ରକାଶଯୋଗ୍ୟ, ଟ୍ରମା କେୟାର ମାଧ୍ୟମରେ ସଡ଼କ ଦୁର୍ଘଟଣା, କାରଖାନା ଦୁର୍ଘଟଣା, ଉପରୁ ଖସି ପଡ଼ିବା, ଗୁଳି ବାଜି ଆହତ ହେବା, ପୋଡ଼ାଜଳା ଭଳି ଗୁରୁତର ରୋଗୀଙ୍କୁ ଆପତ୍କାଳୀନ ପରିସ୍ଥିତିରେ ତୁରନ୍ତ ଚିକିତ୍ସା ଯୋଗାଇ ଦିଆଯାଇଥାଏ। ଜିଲାରେ ବିଶେଷକରି ଖଣି ଖାଦାନ ଅଞ୍ଚଳରେ ବହୁ ସଂଖ୍ୟାରେ ଲୁହାପଥର ପରିବହନ ଟ୍ରକ୍ ଓ ଅନ୍ୟ ଭାରିଯାନ ଚଳାଚଳ କରୁଥିବାରୁ ଦୁର୍ଘଟଣା ଘଟିଥାଏ। ସେହିପରି ଜିଲା ଦେଇ ଯାଇଥିବା ଜାତୀୟ ରାଜପଥଗୁଡ଼ିକରେ ମଧ୍ୟ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଗାଡ଼ି ଚାଳକ, ଯାତ୍ରୀ ତଥା ଯାତାୟାତ କରୁଥିବା ଲୋକମାନେ ଗୁରୁତର ହୋଇଥାନ୍ତି। ମାତ୍ର ଜିଲାରେ ଟ୍ରମା କେୟାର ନ ଥିବାରୁ ଗୁରୁତର ରୋଗୀଙ୍କୁ ଜିଲା ମୁଖ୍ୟାଳୟ ପରେ ୨୦୦ କି.ମି. ଦୂର କଟକ ବଡ଼ ଡାକ୍ତରଖାନାକୁ

**ଆପତ୍କାଳୀନ ରୋଗୀଙ୍କୁ ତୁରନ୍ତ ଚିକିତ୍ସା ମିଳୁନି**

ପଠାଇ ଦିଆଯାଉଛି। ଏତେ ବାଟ ଅତିକ୍ରମ କରି ଯିବା ବେଳକୁ ଅନେକେ ମୃତ୍ୟୁବରଣ କରୁଛନ୍ତି। ଡିଏମ୍ଏଫ୍(ଜିଲା ଖଣିଜ ପାଣ୍ଠି), ଓଏମ୍ବିଏଡିସି( ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ) ପାଣ୍ଠିରୁ ଅନେକ ହଜାର କୋଟି ଟଙ୍କା ବ୍ୟୟ କରାଯାଇ ପାର୍କ, ପୋଖରୀ ସୌନ୍ଦର୍ଯ୍ୟକରଣ ଆଦି କରାଯାଉଥିବା ବେଳେ ଟ୍ରମା କେୟାର ସେଣ୍ଟର ଭଳି ଗୁରୁତ୍ୱପୂର୍ଣ୍ଣ ସେବା ଯୋଗାଇ ଦିଆଯାଉ ନ ଥିବା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ପଡ଼ୋଶୀ ମୟୂରଭଞ୍ଜ, ଦେବଗଡ଼ ଜିଲା ଓ ଝାଡ଼ଖଣ୍ଡ ରାଜ୍ୟର ବହୁ ରୋଗୀ ନିର୍ଭର କରିଥାନ୍ତି। ଏଣୁ ଜିଲାରେ ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା କରି ଦୁର୍ଘଟଣା ଜନିତ ମୃତ୍ୟୁ ରୋକାଯାଉ ବୋଲି କେନ୍ଦୁଝର ଓକିଲ ସଂଘର ପୂର୍ବତନ ସଭାପତି ଅଶୋକ ଦାସ କହିଛନ୍ତି। ସିଡିଏମ୍ଓ ଡା. କେ.ସି.ପୃଷ୍ଟି କହିଛନ୍ତି, କେନ୍ଦୁଝର ଜିଲାରେ ଟ୍ରମା କେୟାର ସେଣ୍ଟର ଖୋଲିବା ପାଇଁ ସରକାରଙ୍କ ପ୍ରସ୍ତାବ ରହିଛି। ଜିଲା ମୁଖ୍ୟାଳୟ ବ୍ୟତୀତ ଆନନ୍ଦପୁର, ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନା ଏବଂ ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖୋଲିବ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ପରେ ଲୁଟ୍

ବାଲେଶ୍ୱର, ୧୮।୧୦(ମାନସ ବିଶ୍ୱାଳ)-ବାଲେଶ୍ୱର ଟାଉନ ଥାନା ଅଧୀନ ଗୋପାଳଗାଁ ପ୍ରଜ୍ଞାଭାରତୀ ଶିକ୍ଷାକେନ୍ଦ୍ର ଛକରେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଓ ପରେ ଲୁଟ୍ ହୋଇଛି। ତେବେ ଗୁରୁତର ଯୁବକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତର ଯୁବକ ହେଲେ ଗୋପାଳଗାଁ ଶ୍ରୀବିହାର କଲୋନୀର ମନୋଜ ପାଲକା। ସେ ଜଣେ ବ୍ୟାଙ୍କ କର୍ମଚାରୀ। ତାଙ୍କର ସମ୍ପର୍କୀୟଙ୍କୁ ଷ୍ଟେଶନରେ ଛାଡ଼ି ଫେରୁଥିବା ବେଳେ ଏହି ଘଟଣା ଘଟିଛି। ବାଲେଶ୍ୱରର ଗୋପାଳ ଗାଁ ପ୍ରଜ୍ଞାଭାରତୀ ଶିକ୍ଷାକେନ୍ଦ୍ର ଛକଠାରେ ମନୋଜଙ୍କୁ ଅଜଣା ଦୁର୍ବୃତ୍ତମାନେ ଅଟକାଇ ଛିନ୍ତାଇ ଉଦ୍ୟମ କରି ଭୁଜାଲିରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ମନୋଜ ଗୁରୁତର ହୋଇଥିବା ବେଳେ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ବାହାରକୁ ବାହାରି ଆସିବାରୁ ଆକ୍ରମଣକାରୀ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ତେବେ ସ୍ଥାନୀୟ ଲୋକେ ଗୁରୁତର ମନୋଜଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ସହ ପୋଲିସକୁ ଖବର ଦେଇଥିଲେ। ଏନେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଶାନ୍ତି କମିଟି ବୈଠକ

# ବାଜିବନି ଡିଜେ, ନିୟନ୍ତ୍ରଣ ହେବ ଭିଡ଼



ବୈଠକରେ ଏସ୍‌ଡ଼ିପିଓ ସୂଚନା ଦେଉଛନ୍ତି।

ରୂପସା, ୧୮।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଅଧୀନ ରୂପସା ଥାନା ପୋଲିସ ଆନୁକୂଲ୍ୟରେ ଦୁର୍ଗାପୂଜା, ରାବଣପୋଡ଼ି ଉତ୍ସବର ସୁପରିଚାଳନା ପାଇଁ ଥାନା ପରିସରରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବକ୍ତା ଏସ୍‌ଡିପିଓ ମାନସ କୁମାର ଦେଓ ଅଧ୍ୟକ୍ଷତା କରି ସମସ୍ତ ନିୟମାବଳୀ ସମ୍ବନ୍ଧରେ ପୂଜା କମିଟି କର୍ମକର୍ତ୍ତାଙ୍କୁ ଅବଗତ କରାଇଥିଲେ।

ଥାନାଧିକାରୀ ସଚ୍ଚିଦାନନ୍ଦ ଗିରି ପ୍ରାରମ୍ଭିକ ସୂଚନା ଦେଇ ପୋଲିସ ପ୍ରଶାସନ ସହ ଜନସାଧାରଣଙ୍କ ପୂର୍ଣ୍ଣ ସହଯୋଗରେ ଉତ୍ସବ ପରିଚାଳନା ହେବ ବୋଲି କହିଥିଲେ। ପୂଜାମଣ୍ଡପରେ ଭିଡ଼ ନିୟନ୍ତ୍ରଣ ସହ ଭସାଣି ଉତ୍ସବରେ ଡିଜେ ସମ୍ପୂର୍ଣ୍ଣ ନିଷେଧ ବୋଲି କୁହାଯାଇଥିଲା। ଥାନା ଅଧୀନ ପାଟପୁର ବଜାର, ଷ୍ଟେଶନ ବଜାର, କସିପଦା, ନୂଆଗାଁ ଓ ଜହତା ପୂଜା ମଣ୍ଡପରେ ଦୁର୍ଗାପୂଜା ସମେତ ଆଙ୍କୋ ଶତାବ୍ଦୀ କ୍ଲବ ଆନୁକୂଲ୍ୟରେ ଦଶହରାରେ ବିଶାଳ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହେବା ସମ୍ପର୍କରେ ଆଲୋଚନା ହୋଇଥିଲା। ପୂର୍ବତନ ଜିଲା ପରିଷଦ ସଭ୍ୟ ବରଦା ପ୍ରସନ୍ନ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ସେଠୀ, ତପନ କୁମାର ଗିରି, ଶ୍ରୀଧର ବେହେରା, ଅନ୍ତର୍ଯ୍ୟାମୀ ବେହେରା, ଜୟକୃଷ୍ଣ ବେହେରା, ମନୋରଞ୍ଜନ ନାୟକ, ସନ୍ତୋଷ କୁମାର ପରିଡା, ଦେବବ୍ରତ ବିଶ୍ୱାଳ, ଜଗଦୀଶ ବେହେରା, ବଂଶୀଧର ପଣ୍ଡା, ଖବରଦାତା ବାଞ୍ଛାନିଧି ଦେ ଓ ମନୋରଞ୍ଜନ ପ୍ରଧାନଙ୍କ ସମେତ କମିଟି କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଏସ୍‌ଆଇ ପୁମା ଦେଇ, ମୋହନ ନାୟକ, ଉତ୍ତମ ସିଂ ଓ ଚନ୍ଦ୍ର ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

# ଭଦ୍ରକରେ 'ଘରେ ଘରେ ହାତ, ଘରେ ଘରେ କଂଗ୍ରେସ'




କଂଗ୍ରେସର ଶୋଭାଯାତ୍ରା।

ଭଦ୍ରକ,୧୮।୧୦(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ନିର୍ବାଚନ ମଣ୍ଡଳୀ ନେତା ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ବୁଧବାର ବାଣିଆ ପଞ୍ଚାୟତଠାରେ 'ଘରେ ଘରେ ହାତ ଘରେ ଘରେ କଂଗ୍ରେସ' କାର୍ଯ୍ୟକ୍ରମ କରାଯାଇଛି। ବାଣିଆ ବଜାର, ହନୁମାନ ଛକଠାରୁ କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ବାହାରି ପଞ୍ଚାୟତର ସମସ୍ତ ୧୨ ୱାର୍ଡରେ ଘର ଘର ବୁଲି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ଓଡ଼ିଶାର ଦୁର୍ଗତି ବିଷୟରେ ଅବଗତ କରିବା ସହ ରାଜ୍ୟରେ ଏବଂ ଭଦ୍ରକରେ କଂଗ୍ରେସ ହିଁ ବିକଳ୍ପ ବୋଲି ଲୋକମାନଙ୍କୁ ସଚେତନ କରାଇଥିଲେ। ଭଦ୍ରକରେ ମେଡ଼ିକାଲ କଲେଜ ପ୍ରତିଷ୍ଠା, ଭଦ୍ରକରେ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଓ ଭଦ୍ରକରେ ଉନ୍ନତୀକରଣ ନାମରେ ଚାଲିଥିବା ବ୍ୟାପକ ଦୁର୍ନୀତି ବିରୋଧରେ ଲଢ଼େଇ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ପୀତବାସ ଧଳ, ରାଜୀବଗାନ୍ଧୀ ପଞ୍ଚାୟତରାଜ ସଂଗଠନର ସଭାପତି ପ୍ରଦ୍ୟୁମ୍ନ ଦାସ, ଏସି ସେଲ୍ ସଭାପତି ରଞ୍ଜନ ଜେନା, ୨୫ ନଂ. ଜିଲା ପରିଷଦ ପ୍ରାର୍ଥିନୀ ସତ୍ୟଭାମା ଜେନା, ବାଣିଆ ପଞ୍ଚାୟତ ସଭାପତି ମୋହନ ପାଣିଗ୍ରାହୀ, ଜିତେନ୍ଦ୍ର ପାଣିଗ୍ରାହୀ, ବିଜୟ ବାରିକ, ଶଶୀକାନ୍ତ ଜେନା, ଟୋନି ଅଲ୍ଲି, ନିଲ୍‌କମଲ ପତି ପ୍ରମୁଖ କର୍ମୀମାନେ ସାମିଲ ହୋଇଥିଲେ।

## ବିଚାର ବିଭାଗୀୟ କୋର୍ଟ ସ୍ଥାନାନ୍ତର ବିରୋଧରେ ଗଣଧାରଣା

ବାଲେଶ୍ୱର, ୧୮।୧୦
(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ମୁଖ୍ୟଦପ୍ତରରୁ ସମସ୍ତ ବିଚାର ବିଭାଗୀୟ କୋର୍ଟଗୁଡ଼ିକୁ ରେମୁଣା ତହସିଲ ଅଧୀନ ବିଧ୍ୟାଧରପୁର ମୌଜାକୁ ସ୍ଥାନାନ୍ତର ତଥା ସେଠାରେ 'ଜୁଡ଼ିସିଆଲ୍ ହବ୍' ନିର୍ମାଣ ନିଷ୍ପତ୍ତିକୁ ବିରୋଧ କରି ବିଭିନ୍ନ ସାମାଜିକ ଓ ଗଣସଙ୍ଗଠନମାନଙ୍କ ସମେତ ଓକିଲ ସଂଘକୁ ନେଇ ଗଠିତ 'ଜଏଣ୍ଟ ଆକ୍ସନ୍ କମିଟି' ପକ୍ଷରୁ ବୁଧବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଛି। 'ଜଏଣ୍ଟ ଆକ୍ସନ୍' କମିଟିର ଆବେଦକ ତଥା ସିଭିଲ୍ ସୋସାଇଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଧାରଣାସ୍ଥଳରେ ଆୟୋଜିତ ସଭାରେ ଅଧ୍ୟକ୍ଷତା କରିଥିଲେ। ଓକିଲ ସଂଘ ସଭାପତି ମନୋଜ ନାୟକ, ସମ୍ପାଦକ ଦୀପକ କୁମାର ଦାଶଙ୍କ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଗୌରାଙ୍ଗ ପାଣିଗ୍ରାହୀ, ବଂଶୀଧର ଦଲାଇ, ନିରଞ୍ଜନ ପରିଡ଼ା ପ୍ରମୁଖ କୋର୍ଟ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ କରିଥିଲେ। ଜଏଣ୍ଟ ଆକ୍ସନ୍ କମିଟିର ୧୧ଜଣ ସଦସ୍ୟ ବିଶିଷ୍ଟ ଆବାହକ ମଣ୍ଡଳୀ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରି ଆଲୋଚନା କରିଥିଲେ। ଜିଲାପାଳ ଦାବିପତ୍ର ଗ୍ରହଣ କରି ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରେ ଏକ ଉଚ୍ଚସ୍ତରୀୟ ବୈଠକରେ ଏ ସମ୍ପର୍କରେ ଆଲୋଚନା ପାଇଁ ମତବ୍ୟକ୍ତ କରିଥିଲେ। ତେଣୁ ଆସନ୍ତା ନଭେମ୍ବର ୨ୟ ସପ୍ତାହ ପର୍ଯ୍ୟନ୍ତ ଜଏଣ୍ଟ ଆକ୍ସନ୍ କମିଟି ପକ୍ଷରୁ ପ୍ରସ୍ତାବିତ ପ୍ରତ୍ୟକ୍ଷ ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ଘୋଷଣା କରାଯାଇଛି।

# ରାତି ୧୦ଟା ପରେ ମାଇକ ବନ୍ଦ



ଆମ ପୋଲିସ ବୈଠକରେ ପୂଜା କମିଟିର କର୍ମକର୍ତ୍ତା।

ଖଇରା, ୧୮।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରା ଥାନାରେ ବୁଧବାର ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଖଇରା ଥାନା ଆଇଆଇସି ଗୟାଧର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ପୂଜା କମିଟି ସଭାପତି ଓ ସମ୍ପାଦକମାନେ ଯୋଗ ଦେଇଥିଲେ। ଚଳିତ ବର୍ଷ ପୂଜାରେ ଡିଜେ ଉପରେ କଟକଣା ଜାରି କରାଯାଇଥିଲା । ସେହିଭଳି ରାତି ୧୦ଟା ପରେ ମାଇକ ବନ୍ଦ ପାଇଁ ଆଇଆଇସି ମଣ୍ଡପ ମାଲିକମାନଙ୍କୁ ପରାମର୍ଶ ଦେଇଥିଲେ। ଯେଉଁ ପୂଜା କମିଟି ଅପେରା ବା ରାବଣ ପୋଡି କରିବାକୁ ନିଷ୍ପତ୍ତି ନେଇଛନ୍ତି ସେମାନେ ଶାନ୍ତିଶୃଙ୍ଖଳା ମଧ୍ୟରେ ପାଳନ କରିବାକୁ ଆଇଆଇସି ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଗଣ୍ଡିବେଡ, ମଛଦା, ଖଇରା, ସାରଡାଙ୍ଗ, ଅଲିପୁର, କୁପାରୀ, ସୁଣ୍ଡିରା, ରାଇକୁଳା, ପତିରାଜପୁର, ଡୁଙ୍ଗୁରା ଆଦି କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ତ୍ରିଲୋଚନ ପଣ୍ଡା ହେଲେ ଜିଲା କଳା ସଂସ୍କୃତି ସଂଘର ଉପସଭାପତି

ଭଦ୍ରକ, ୧୮।୧୦(ସନାତନ ରାଉତ)- ଜିଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଭଦ୍ରକ ଜିଲା କଳା ସଂସ୍କୃତି ସଂଘର ଉପସଭାପତି ପଦ ପାଇଁ ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଭାବେ ଜିଲା ପଞ୍ଚାୟତ ଅଧିକାରୀ ବଂଶୀଧର ସିଂ କାର୍ଯ୍ୟ ପରିଚାଳନା କରିଥିଲେ। ଧାମନଗର ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ସୁବାସ ମଲ୍ଲିକ ଓ ଚାନ୍ଦବାଲି ବ୍ଲକ୍ କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା ଜିଲା କଳା ସଂସ୍କୃତି ସଂଘର ଉପସଭାପତି ପଦପାଇଁ ସହ ପ୍ରତିଦ୍ୱନ୍ଦିତା କରିଥିଲେ। ୭ଟି ବ୍ଲକର ଉପସଭାପତିମାନେ ଏହି ନିର୍ବାଚନରେ ଭୋଟ ଦେଇଥିଲେ। ଭୋଟ ଗଣତି ପରେ ୫ଟି ଭୋଟ ପଣ୍ଡା ପାଇଥିବା ବେଳେ ମଲ୍ଲିକ ମାତ୍ର ୨ଟି ଭୋଟ ପାଇଥିଲେ। ଜିଲା ସଂସ୍କୃତି ଅଧିକାରୀ, ତନୁଜା ସିର୍କା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଉପସ୍ଥିତ ରହି ଆନୁସଙ୍ଗିକ ସହଯୋଗ କରିଥିଲେ।

# ସଙ୍ଗୀତା ରାଜ୍ୟ ଉପସଭାନେତ୍ରୀ, ପ୍ରବୀଣା ଜିଲା ସଭାନେତ୍ରୀ

କେନ୍ଦୁଝର,୧୮।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ କମିଟିର ନୂତନ କର୍ମକର୍ତ୍ତା, କାର୍ଯ୍ୟକାରୀ ସଦସ୍ୟ ଓ ବିଭିନ୍ନ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀଙ୍କ ନାମ ଘୋଷଣା କରାଯାଇଛି। ଏହି କ୍ରମରେ କଂଗ୍ରେସ ନେତ୍ରୀ ତଥା ପୂର୍ବତନ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସଙ୍ଗୀତା ସିଂହଙ୍କୁ ରାଜ୍ୟ ଉପ ସଭାନେତ୍ରୀ ଭାବେ ମନୋନୀତ କରାଯାଇଛି। ଆଇନଜୀବୀ ସଙ୍ଗୀତା ବର୍ତ୍ତମାନ ଜିଲ୍ଲା କଂଗ୍ରେସ

**ପ୍ରଦେଶ ମହିଳା କଂଗ୍ରେସ କମିଟିର ନୂତନ କର୍ମକର୍ତ୍ତା**

କମିଟିର ମୁଖପାତ୍ର ଏବଂ ପିସିସି ସଦସ୍ୟା ଭାବେ କାର୍ଯ୍ୟ କରୁଛନ୍ତି। ସେ ପୂର୍ବରୁ ଜିଲ୍ଲା ଓକିଲ ସଂଘର ସଭାନେତ୍ରୀ ଥିଲେ। ସେହିପରି ଆଦିବାସୀ ମହିଳା ନେତ୍ରୀ ପ୍ରବୀଣା ଦଣ୍ଡପାଟଙ୍କୁ ଜିଲ୍ଲା ମହିଳା କଂଗ୍ରେସ କମିଟିର ସଭାନେତ୍ରୀ ଭାବେ ମନୋନୀତ କରାଯାଇଛି। ସେ ପୂର୍ବରୁ ବସନ୍ତପୁର ସରପଞ୍ଚ, ୭ ନଂ. ଜୋନର ଜିଲ୍ଲା ପରିଷଦ ସଦସ୍ୟା, ଢେଙ୍କିକୋଟ ଲ୍ୟାମ୍ପର ନିର୍ଦ୍ଦେଶିକା ଭାବେ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ବସନ୍ତପୁର ପଞ୍ଚାୟତର ସମିତି ସଭ୍ୟାଭାବେ କାର୍ଯ୍ୟ କରୁଛନ୍ତି। ଉଭୟ ମହିଳା ନେତ୍ରୀ ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ସଭାନେତ୍ରୀ ସୋନିଆ ଗାନ୍ଧୀ, କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ମିସ ନିତା ଡି ସୌଜା, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଶରତ ପଟ୍ଟନାୟକ, ଜୟଦେବ ଜେନା ଏବଂ ଓଡିଶା ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ପୌର କାର୍ଯ୍ୟାଳୟ ଘେରିଲା କଂଗ୍ରେସ

ବାସୁଦେବପୁର,୧୮।୧୦
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର କଂଗ୍ରେସ ପକ୍ଷରୁ ବୁଧବାର ବିଭିନ୍ନ ଦାବି ଓ ସମସ୍ୟା ନେଇ ବାସୁଦେବପୁର ପୌରପାଳିକା କାର୍ଯ୍ୟାଳୟ ଘେରାଉ ସହ ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସଙ୍କ ନେତୃତ୍ୱରେ ୩ ହଜାରରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଓ ସମର୍ଥକ କଂଗ୍ରେସ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ପୌରପାଳିକା କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ପରେ ନଗର କଂଗ୍ରେସ ସଭାପତି ଭକ୍ତରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ସଭାପତି ଦାସ ପୌରପାଳିକାର ବିଭିନ୍ନ ଦୁର୍ନୀତି, ଅନିୟମିତତା, ଉଠାଦୋକାନୀଙ୍କୁ ଥଇଥାନ କରା ନ ଯିବା, ଆର୍ଥିକ ହେରଫେର, ପ୍ରକଳ୍ପ ବଣ୍ଟନରେ ପାତର ଅନ୍ତର କରିବା, ନିମ୍ନମାନର କାର୍ଯ୍ୟକୁ ସହଯୋଗ କରିବା ଆଦି ପ୍ରସଙ୍ଗ ଉପରେ ପଦକ୍ଷେପ ନିଆ ନ ଗଲେ ପୌରପାଳିକାକୁ ଅଚଳ କରିଦିଆଯିବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳ, ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ପଣ୍ଡା, ନଗର କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି, ଯୁବ କଂଗ୍ରେସ ବ୍ଲକ ସଭାପତି ସିଦ୍ଧାନ୍ତ କୁମାର ଦାସ, ନଗର ସଭାପତି ସୁଶାନ୍ତ ମହାକୁଡ଼ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ କରିବାକୁ ଯାଇଥିବା ବେଳେ ପୌର ନିର୍ବାହୀ ଅଧିକାରୀ ଅନୁପସ୍ଥିତ ଥିବାରୁ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୌରନିର୍ବାହୀ ଅଧିକାରୀ ଜାଣିଶୁଣି ଅନୁପସ୍ଥିତ ରହିଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଥିଲା। ପୌରପାଳିକା ଏମ୍.ଇ. ଦାବିପତ୍ର ଗ୍ରହଣ କରିଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ଲାଗି ନୀଳଗିରିରେ ପ୍ରସ୍ତୁତି

ନୀଳଗିରି, ୧୮।୧୦(ପ୍ରଶାନ୍ତ ବିଶ୍ୱାଳ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶ ସେବାରେ ଜୀବନକୁ ଉତ୍ସର୍ଗ କରିଥିବା ସଂଗ୍ରାମୀମାନଙ୍କ ସମ୍ମାନାର୍ଥେ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି କ୍ରମରେ ଚଳିତମାସ ୨୦ ତାରିଖରେ ନୀଳଗିରି ବ୍ଲକ ପରିସରରେ ଏକ ବିଶାଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ର ଜଙ୍ଗଲ ପରିବେଶ ଜଳବାୟୁ ପରିବର୍ତ୍ତନ ଏବଂ ଖାଦ୍ୟଯୋଗାଣ ମନ୍ତ୍ରୀ ଅଶ୍ୱିନୀ ଚୌବେ ଯୋଗ ଦେବେ। ଏନେଇ ନୀଳଗିରି ଭାଜପା କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଛି।

କେନ୍ଦ୍ରମନ୍ତ୍ରୀ ଚୌବେ ବାଲେଶ୍ୱର ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ ଏବଂ ନୀଳଗିରି ବ୍ଲକରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେବେ। ମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା ପାଇଁ ଭାଜପା ଶିବିର ଚଳଚଞ୍ଚଳ ହୋଇଉଠିଛି। ପ୍ରସ୍ତୁତି ବୈଠକରେ ଜିଲା ଉପସଭାପତି ଗଙ୍ଗାଧର ମିଶ୍ର, କରୁଣାକର ପଣ୍ଡା, ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ମନୋରଞ୍ଜନ ବେହେରା, ଉପେନ୍ଦ୍ର ଦାସ, ତାପସ ମହାନ୍ତି, ସମର ଶଙ୍କର କାନୁନଗୋ, ଦେବାଶିଷ ଆଚାର୍ଯ୍ୟ, କୁଳମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଏମ୍‌ପି ପ୍ରତାପ ଷଡଙ୍ଗୀ ଓ ଅନ୍ୟ ଭାଜପା କର୍ମକର୍ତ୍ତା।

# ବଣିକ ସଂଘ ନିର୍ବାଚନ ପାଇଁ ଉପ ଜିଲାପାଳଙ୍କୁ ଦାବିପତ୍ର



ଉପ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଉଦଳା,୧୮।୧୦(ସନ୍ତୋଷ କୁମାର ବାଛିନୀ)

୨ ବର୍ଷ ହେଲା କାର୍ଯ୍ୟକାଳ ସରିଲାଣି, ହେଲେ ନିର୍ବାଚିତ ହୋଇ ପଦବୀରେ ଥିବା ପ୍ରତିନିଧିମାନେ ସଂଘର ପୁରୁଣା ପ୍ୟାଡ୍ ବ୍ୟବହାର କରି ଅନେକ ଫାଇଦା ଉଠାଉଛନ୍ତି। ୨ ବର୍ଷ ହେବ ନିର୍ବାଚନ ହେଉ ନ ଥିବାରୁ ବଣିକ ସଂଘରେ ଗୁଣ୍ଡାରାଜ ଚାଲିଥିବା ଅଭିଯୋଗ କରିଛନ୍ତି ବ୍ୟବସାୟୀ। ସଂଘର ନିର୍ବାଚନ କରିବା ପାଇଁ ବୁଧବାର ଉପଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନା ଅନୁଯାୟୀ, ୨୦୧୮ ସେପ୍ଟେମ୍ବରରେ ଉଦଳା ବଣିକ ସଂଘର ନିର୍ବାଚନ ହୋଇଥିଲା। ଯେଉଁଥିରେ ସଭାପତି ଭାବେ ରବିନ୍ଦ୍ର କୁମାର ପରିଡା, ସମ୍ପାଦକ ଧୀରେନ୍ଦ୍ର ଖଣ୍ଡେଲୱାଲ ବିଜୟୀ ହୋଇଥିଲେ। ବଣିକ ସଂଘ ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟକାଳ ୩ ବର୍ଷ ରହିଥିବା ବେଳେ ୨୦୨୧ରେ ନିର୍ବାଚିତ ପ୍ରତିନିଧିମାନଙ୍କ କାର୍ଯ୍ୟକାଳ ସରିଛି। ପୁନଶ୍ଚ ସଂଘ ନିର୍ବାଚନ କରିବା ନିମନ୍ତେ ପୂର୍ବତନ ଉପ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା ହୋଇନାହିଁ। ଯାହାର ଫାଇଦା ନେଇ ବଣିକମାନଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ଆଣି ପୂର୍ବତନ ବଣିକ ସଂଘ ସଭାପତି ସୋମନାଥ ସାହୁଙ୍କ ସମେତ ଅନେକ ବ୍ୟବସାୟୀ ଉପ ଜିଲାପାଳଙ୍କୁ ଭେଟି ନିର୍ବାଚନ କରିବା ପାଇଁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ହରେକୃଷ୍ଣ ଦାସ, ଗୋପାଳ ଚନ୍ଦ୍ର ମୁର୍ମୁ ପ୍ରମୁଖ ସାମିଲ ହୋଇଥିଲେ। ଏ ସଂକ୍ରାନ୍ତରେ ସଭାପତି ଦାୟିତ୍ୱ ତୁଲାଉଥିବା ରବିନ୍ଦ୍ର ପରିଡ଼ାଙ୍କୁ ପଚାରିବାରୁ ସଂଘ କାର୍ଯ୍ୟ ସୁରୁଖୁରୁରେ ଚାଲିଛି, ପରିଚାଳନାରେ କୌଣସି ଅନିୟମିତତା ହୋଇନାହିଁ ବୋଲି ସେ କହିଛନ୍ତି। ଉପଜିଲାପାଳ ସୁଶାନ୍ତ କୁମାର ବାରିକଙ୍କୁ ପଚାରିବାରୁ ଏ ସଂକ୍ରାନ୍ତରେ ଜିଲାପାଳଙ୍କୁ ଜଣାଇ ନିର୍ଦ୍ଦେଶ ମିଳିବା ପରେ ନିର୍ବାଚନ କରାଯିବ ବୋଲି କହିଛନ୍ତି।

# ପଥର ବୋଝେଇ ଟ୍ରକ୍ ଜବତ, ଡ୍ରାଇଭର ଅଟକ

ଖଇରା, ୧୮।୧୦(ଉତ୍କଳବନ୍ଧୁ ପଣ୍ଡା)

ଶାରୀଶୁଆ-କୁପାରୀ ରାସ୍ତାରେ ବେଆଇନ ଭାବେ ପଥର ବୋଝେଇ ଟ୍ରକ ଚୋରାଚାଲାଣ ବେଳେ ଖଇରା ତହସିଲଦାର ପ୍ରଶାନ୍ତ ମହାରଣା ଜବତ କରିଛନ୍ତି। ଏଥିସହ ଟ୍ରକ ଡ୍ରାଇଭରଙ୍କୁ ଖଇରା ଥାନାରେ ଅଟକ ରଖାଯାଇଛି । ସରକାରୀ ଭାବେ ୧୪ଟି ଖଣି ଖୋଲିବାକୁ ଅନୁମତି ଦିଆଯାଇଛି। ବର୍ତ୍ତମାନ ଶାରୀଶୁଆ ପାହାଡରେ ୯୦ରୁ ଉର୍ଦ୍ଧ୍ୱ ଖଣି ବେଆଇନ ଭାବେ ଚାଲୁଛି। ପ୍ରତ୍ୟେକ ଦିନ ଶହ ଶହ ଟ୍ରିପ ପଥର ମେଟାଲ ବାହାରକୁ ଚାଲାଣ କରାଯାଉଥିବା ବେଳେ ମାତ୍ର ରାଜସ୍ୱ ବିଭାଗ କାଁ କାଁ ଚଢାଉ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ସେହିଭଳି ୪ଟି ଖଣିରେ ବ୍ଲାଷ୍ଟିଂ ପାଇଁ ଅନୁମତି ମିଳିଛି, ସନ୍ଧ୍ୟା ହେଲେ ସମସ୍ତ ଖଣିରେ ବେଆଇନ ବ୍ଲାଷ୍ଟିଂ ଚାଲିଥିଲେ ହେଁ ଏହା ଉପରେ ଧରପଗଡ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

## ସଂକ୍ଷେପରେ

### ଦୋକାନ ଉପରେ ଓଲଟିଲା ବିଲାତି ବୋଝେଇ ଟ୍ରକ୍ ବୋହିନେଲେ ଲୋକେ

ପାଟଣା,୧୮।୧୦(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଦେଇ ଯାଇଥିବା ୪୯ ନଂ. ଜାତୀୟ ରାଜପଥର ଚେମେଣା ଛକରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବିଲାତି ବୋଝେଇ ଟ୍ରକ୍ ଓଲଟିପଡ଼ିଛି। ଟ୍ରକ୍ ରାଜପଥ କଡ଼ରେ ଥିବା ଦୋକାନ ଉପରେ ପଡ଼ିଥିଲା। ଫଳରେ ଦୋକାନ ଗୃହର ଆଂଶିକ କ୍ଷତି ହୋଇଥିବା ବେଳେ ରାତି ଯୋଗୁ ବଡ଼ ଦୁର୍ଘଟଣା ଟଳିଯାଇଛି। ଦୁର୍ଘଟଣାରେ ଗାଡ଼ିର ଡ୍ରାଇଭର ଓ ହେଲପର ଆହତ ହୋଇଛନ୍ତି। ବିଲାତି ବୋଝେଇ ଟ୍ରକ୍ଟି ନାଶିକରୁ କୋଲକାତା ଆଭିମୁଖେ ଯାଉଥିଲା। ଚେମେଣା ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣା ପରେ ସ୍ଥାନୀୟ କେତେକ ଲୋକ ବିଲାତି ଘରକୁ ବୋହି ନେଇଯାଇଥିବାର ଦେଖିବାକୁ ମିଳିଛି। ଖବର ପାଇ ତୁରୁମୁଙ୍ଗା ଥାନା ଅଧିକାରୀ ଇନ୍ଦ୍ରଜିତ୍ ବେହେରା ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ କରୁଛନ୍ତି।

### ମୟୂରଭଞ୍ଜ ମହୋତ୍ସବ ପାଇଁ ବୈଠକ

ଖୁଣ୍ଟା,୧୮।୧୦(ଦେବରଞ୍ଜନ ବେହେରା)– ଆସନ୍ତା ନଭେମ୍ବର ମାସରେ ହେବାକୁ ଥିବା ମୟୂରଭଞ୍ଜ ମହୋତ୍ସବ ନିମନ୍ତେ ଖୁଣ୍ଟା ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସୁଧନ୍ୟା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମହୋତ୍ସବ ଆୟୋଜକ କମିଟିର ସମ୍ପାଦକ ରାକେଶ ସିଂ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ତଥା ବର୍ତ୍ତମାନର ସମିତି ସଭ୍ୟା ପୁଷ୍ପଲତା ମାରାଣ୍ଡି, ଉଦଳା ବ୍ଲକର ପୂର୍ବତନ ଅଧ୍ୟକ୍ଷା ସବିତା ହାଁସଦା, ମହୋତ୍ସବ କମିଟିର କପ୍ତିପଦା ଉପଖଣ୍ଡ ସଂଯୋଜକ ରବୀନ ମହାନ୍ତି, ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ଲୁକ୍କାୟିତ ଥିବା ବିଭିନ୍ନ ପ୍ରତିଭାବାନ ଯୁବତୀ ଯୁବକଙ୍କୁ ଲୋକଲୋଚନକୁ ଆଣିବା ହିଁ ଏହି ମହୋତ୍ସବ ମୂଳଲକ୍ଷ୍ୟ ବୋଲି କହିଥିଲେ। ବୈଠକରେ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ଅଙ୍ଗନୱାଡି କର୍ମୀଙ୍କ ଘରେ ଶିଶୁ ଶ୍ରମିକ ଉଦ୍ଧାର କଲା ଚାଇଲ୍ଡଲାଇନ୍

ଜଳେଶ୍ୱର, ୧୮।୧୦(ରବିନାରାୟଣ ପାତ୍ର)–ଜଳେଶ୍ୱର ବ୍ଲକ ଅଧୀନ ବାଣିଦା ୧୧ନଂ. ୱାର୍ଡରେ ଅଙ୍ଗନୱାଡି କର୍ମୀଙ୍କ ଘରେ ଜଣେ ଶିଶୁ ଶ୍ରମିକ କାମ କରୁଥିବା ବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଆସୁଥିଲେ। ଗତ ୩ମାସ ଧରି ଏହି ନାବାଳକଙ୍କୁ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ ଘରୋଇ କାର୍ଯ୍ୟରେ ନିୟୋଜିତ କରିଥିଲେ। ଏନେଇ ଗ୍ରାମବାସୀ ଜଳେଶ୍ୱର ସିଡିପିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲାନି। ଫଳରେ ସୁଗୋ ସରପଞ୍ଚ ଜୟନ୍ତୀ ପରିଡା ଜିଲା ଚାଇଲ୍ଡ ଲାଇନ୍ ସଦସ୍ୟ ପ୍ରିୟରଞ୍ଜନ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୁଧବାର ଚାଇଲ୍ଡଲାଇନ୍ର ମାନିକଲାଲ ସାହୁ ଓ ଦେବକୃଷ୍ଣ ଦେ ଘଟଣାସ୍ଥଳକୁ ଆସି ନାବାଳକଙ୍କୁ ଉଦ୍ଧାର କରିଛନ୍ତି ।

# ଅନିୟମିତତା ଦେଖି କମିଟି କ୍ଷୁବ୍ଧ

## ପିଏସିର ଖଣି ଓ ଶିଳ୍ପ ପରିଦର୍ଶନ ଦ୍ୱିତୀୟ ଦିନ

କେନ୍ଦୁଝର,୧୮।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)



ଓଏମ୍ସି ଖଣି ପରିଦର୍ଶନ କରୁଛନ୍ତି କମିଟି।

ବିଧାନସଭା ପବ୍ଲିକ୍ ଆକାଉଣ୍ଟସ କମିଟି(ପିଏସି) ୩ ଦିନିଆ କେନ୍ଦୁଝର ଗସ୍ତରେ ଆସି ବୁଧବାର ଦ୍ୱିତୀୟ ଦିନରେ ଶୁଆକାଟି ଖଣି ଅଞ୍ଚଳ ଗସ୍ତ କରିଛନ୍ତି। ଖଣି ପରିଚାଳନା, ପ୍ରଦୂଷଣ ନିୟନ୍ତ୍ରଣ, ରାଜସ୍ୱ, ପାରିପାର୍ଶ୍ୱିକ ବିକାଶ ଆଦି ଅନୁଧ୍ୟାନ କରିଥିଲେ। ଖଣି ଅଞ୍ଚଳରେ ବ୍ୟାପକ ଅନିୟମିତତା ଓ ଜଣେ ଅଭିଯୋଗକାରୀଙ୍କୁ ଆକ୍ରମଣକୁନେଇ କମିଟି କ୍ଷୁବ୍ଧ ହୋଇଥିଲେ।

ବାଂଶପାଳ ବ୍ଲକ୍ ଶୁଆକାଟିରେ ଓଡ଼ିଶା ଖଣି ନିଗମ ଦ୍ୱାରା ପରିଚାଳିତ ଗନ୍ଧମାର୍ଦ୍ଦନ ଲୌହ ଖଣି ଅଞ୍ଚଳ ପରିଦର୍ଶନ ସମୟରେ ଖଣି ନିଗମର ଅଧିକାରୀ ତଥା ସ୍ଥାନୀୟ କ୍ଷତିଗ୍ରସ୍ତ ଲୋକଙ୍କ ସହ ପିଏସି ଆଲୋଚନା କରିଥିଲା। ଖଣି କାର୍ଯ୍ୟରେ ବ୍ୟାପକ ଅନିୟମିତତା ପାଇଁ ଖଣି ରାଜସ୍ୱ କମୁଛି ବୋଲି କମିଟି ଅଧ୍ୟକ୍ଷ ମୋହନ ଚରଣ ମାଝି ପ୍ରକାଶ କରିଥିଲେ। ଖଣି ପରିଦର୍ଶନ ସମୟରେ ସ୍ଥାନୀୟ ଶ୍ରମିକ କାମ କରୁ ନ ଥିବା ବେଳେ ମେଶିନ ଦ୍ୱାରା କାମ ହେଉଛି। ଖଣିରେ କାମ ମିଳୁ ନ ଥିବାରୁ ଲୋକେ କାଠପତ୍ର ବିକି ଚଳୁଛନ୍ତି। ଫଳରେ ପରିବେଶ ଅଧିକ କ୍ଷତିଗ୍ରସ୍ତ ହେଉଛି। ଟିମ୍ରେ ରେଙ୍ଗାଲି ବିଧାୟକ ନାଉରି ନାଏକ, ନୀଳଗିରି ବିଧାୟକ ସୁକାନ୍ତ ନାଏକ ପ୍ରମୁଖ ସାମିଲ ଥିଲେ। ପରେ ଝୁମ୍ପୁରା ବ୍ଲକ୍ ଅନ୍ତର୍ଗତ ବସନ୍ତପୁରଠାରେ ଥିବା ଏସେଲ ମାଇନିଂ କାରଖାନା ପରିଦର୍ଶନ କରିଥିଲେ। ଗସ୍ତ ସମୟରେ ସଦର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ. ପ୍ରଶାନ୍ତ କର, ଉପ ପରିବେଶ ଯନ୍ତ୍ରୀ ନିବେଦିତା ଦାସ ବେବର୍ତ୍ତା, କେନ୍ଦୁଝର ଖଣି ମଣ୍ଡଳ ଖଣି ଉପ ନିର୍ଦ୍ଦେଶକ ବିଷ୍ଣୁପଦ ରାଉତ, ବାଂଶପାଳ ତହସିଲଦାର କୌଶିକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କମିଟି ଗୁରୁବାର ଯୋଡ଼ା ଏବଂ କୋଇଡ଼ା ଖଣି ଓ ଶିଳ୍ପ ଅଞ୍ଚଳ ଗସ୍ତ କରିବ।

### ଅଭିଯୋଗକାରୀଙ୍କୁ ଆକ୍ରମଣ

ଖଣିର ବିଭିନ୍ନ ସମସ୍ୟାକୁ ନେଇ ଶୁଆକାଟି ଅଞ୍ଚଳର ଆଦିବାସୀ ନେତା ଖଗେଶ୍ୱର ପୂର୍ତ୍ତି କମିଟିକୁ ଅଭିଯୋଗ କରିବା ପାଇଁ ଆସିଥିଲେ। ଏହି ସମୟରେ ଖଣି ସପକ୍ଷବାଦୀ ତାଙ୍କୁ ଆକ୍ରମଣ କରିଥିଲେ। ସେ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଘଟଣାକୁ ନେଇ କମିଟି ଉଦ୍‌ବେଗ ପ୍ରକାଶ କରିଥିଲା।

# ଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ମାଡ଼ ମାରିବା ନେଇ ପ୍ରତିବାଦ



ସ୍କୁଲ ଆଗରେ ଅଭିଭାବକ ଓ ଗ୍ରାମବାସୀ ପ୍ରତିବାଦ କରୁଛନ୍ତି।

ଔପଦା, ୧୮।୧୦(ଧରିତ୍ରୀ ପଣ୍ଡା)

ଔପଦା ବ୍ଲକ ବଡ଼ପୋଖରୀ ପଞ୍ଚାୟତ ବଧି ଗ୍ରାମର ଶ୍ରୀ ଅରବିନ୍ଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କୁ ମାଡ଼ ମାରିବା ନେଇ ଗ୍ରାମବାସୀ, ଅଭିଭାବକ ଓ ପରିଚାଳନା କମିଟି ସଭ୍ୟାସଭ୍ୟମାନେ ସ୍କୁଲ ଆଗରେ ପ୍ରତିବାଦ କରିଥିଲେ। ସ୍କୁଲରେ ପରୀକ୍ଷା ଥିବାରୁ ପରିଚାଳନା କମିଟିର ସଭ୍ୟାସଭ୍ୟ, ଗ୍ରାମବାସୀ ଓ ସ୍ଥାନୀୟ ସରପଞ୍ଚଙ୍କ ମଧ୍ୟରେ ଆଲୋଚନା ହୋଇ ପରିସ୍ଥିତିକୁ ଶାନ୍ତ କରାଯିବାରୁ ସ୍କୁଲ ସ୍ୱାଭାବିକ ଚାଲିଥିଲା। ପରେ ଗ୍ରାମବାସୀ, ପରିଚାଳନା କମିଟି ଓ ସରପଞ୍ଚଙ୍କ ନିଷ୍ପତ୍ତିକ୍ରମେ ପ୍ରଧାନଶିକ୍ଷକଙ୍କୁ ଅନ୍ୟତ୍ର ବଦଳି ପାଇଁ ଏକ ରିଜୋଲେସନ କରାଯାଇଥିବା ବେଳେ ଏହାର ଲିଖିତ ଅଭିଯୋଗ ଔପଦା ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ୧୯ତାରିଖରେ ପ୍ରଦାନ କରାଯିବ ବୋଲି କୁହାଯାଉଛି।

ଉକ୍ତ ଛାତ୍ରୀ ଗତ ୧୭ତାରିଖ ମଙ୍ଗଳବାର ଖେଳ ଛୁଟିରେ ସାଙ୍ଗମାନଙ୍କ ସହିତ ଖେଳୁଥିବା ବେଳେ ସମୟରେ ସ୍କୁଲର ଦିବ୍ୟାଙ୍ଗଙ୍କ ପାଇଁ ଥିବା (ରାମ୍ପସ୍ ରେଲିଂ)କୁ ହଲେଇ ଦେବାରୁ ସ୍କୁଲର ପ୍ରଧାନ ଶିକ୍ଷକ ଛାତ୍ରୀଙ୍କୁ ମାଡ଼ ମାରିଥିଲେ। ବୁଧବାର ସ୍କୁଲ ଖୋଲିବା ପୂର୍ବରୁ ଗ୍ରାମବାସୀ, ଅଭିଭାବକମାନେ ମାଡ଼ ମାରିବା ନେଇ ସ୍କୁଲ ଆଗରେ ପ୍ରତବାଦ କରି ପ୍ରଧାନଶିକ୍ଷକଙ୍କ ବଦଳି ଦାବି କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି କରୁଣାକର ବେହେରା କହିଛନ୍ତି ପ୍ରଧାନ ଶିକ୍ଷକଙ୍କ ବଦଳି ପାଇଁ ନିଷ୍ପତ୍ତି ନିଆଯାଇ ରିଜୋଲେସନ କରାଯାଇଥିବା କହିଛନ୍ତି। ଏ ସମ୍ପର୍କରେ ବିଇଓ ନାରାୟଣ ଦାସଙ୍କ ସହ ଯୋଗାଯୋଗ କରାଯିବାରୁ ତଦନ୍ତ ପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେଙ୍କ ବାଲେଶ୍ୱର ଗସ୍ତ ଆଜି

ବାଲେଶ୍ୱର, ୧୮।୧୦(ମାନସ ବିଶ୍ୱାଳ)– କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଗୁରୁବାର ଦୁଇଦିନିଆ ବାଲେଶ୍ୱର ଗସ୍ତରେ ଆସିବେ। ସେ ଅପରାହ୍ନ ୩ଟା ୩୦ ମିନିଟ୍ରେ ବାଲେଶ୍ୱର ସର୍କିଟ ହାଉସ୍ରେ ପହଞ୍ଚିବେ। ସେଠାରେ ଏଫ୍ସିଆଇ ଓ ଜଙ୍ଗଲ ବିଭାଗର ଅଧିକାରୀଙ୍କ ସହିତ ଆଲୋଚନା ସାରି ଚାନ୍ଦିପୁର ଡିଆର୍ଡିଓ ଗେଷ୍ଟହାଉସରେ ରାତ୍ରିଯାପନ କରିବେ। ୨୦ ତାରିଖରେ ଫକୀର ମୋହନ



ବିଶ୍ୱବିଦ୍ୟାଳୟରେ 'ମୋ ମାଟି ମୋ ଦେଶ' ମେଗା ଇଭେଣ୍ଟରେ ଯୋଗଦାନ କରିବେ। ଏହାପରେ ଅପରାହ୍ନ ୪ଟାରେ ନୀଳଗିରିଠାରେ 'ମୋ ମାଟି ମୋ ଦେଶ' ମେଗା ଇଭେଣ୍ଟରେ ମୁଖ୍ୟଅତିଥି ଭାବେ ଯୋଗଦେବେ। ଏହାପରେ ଫେରିଯିବାର କାର୍ଯ୍ୟକ୍ରମ ରହିଛି।

# ବିଦାୟ ନେଲେ ଟୋକା ଗଣେଶ

## ଦୁଲ୍‌ଦୁଲି, ସିଂହବାଜାରେ ଦୁଲୁକିଲା ବଜାର



ବାବା ଟୋକା ଗଣେଶଙ୍କୁ ଭସାଣି ପାଇଁ ନିଆଯାଉଛି।

ଭଦ୍ରକ ଅଫିସ, ୧୮।୧୦(ସନାତନ ରାଉତ)

ଭଦ୍ରକ ପୁରୁଣାବଜାରଠାରେ ଏକମାସ ଧରି ପୂଜା ପାଉଥିବା ଚାନ୍ଦିମେଢ଼ରେ ତିଆରି ହୋଇଥିବା ବାବା ଟୋକାଗଣେଶଙ୍କୁ ବୁଧବାର ଧୂମ୍‌ଧାମରେ ବିଦାୟ ଦିଆଯାଇଛି। ଦୁଲ୍‌ଦୁଲି ବାଜା, ସିଂହବାଜା, ଆଦିବାସୀ ନୃତ୍ୟ, ବ୍ୟାଣ୍ଡପାର୍ଟି, ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ପାରମ୍ପରିକ ବାଦ୍ୟନୃତ୍ୟ ସହ ପୂଜାମଣ୍ଡପଠାରୁ ବିରାଟ ଶୋଭାଯାତ୍ରାରେ ବାହାରି ପୁରୁଣାବଜାରର ସମସ୍ତ ସାହିବସ୍ତୀ ପରିକ୍ରମା କରିବା ପରେ ସାଳନ୍ଦୀ ନଦୀର ଆଶ୍ରମ ଘାଟରେ ବିସର୍ଜନ କରାଯାଇଛି। ଶୋଭାଯାତ୍ରା ଦେଖିବା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ସଂଖ୍ୟାରେ ଲୋକଙ୍କ ଭିଡ଼ ଜମିଥିଲା। ପୁରୁଣାବଜାର ଅଞ୍ଚଳର ହିନ୍ଦୁ ଓ ମୁସଲିମ ଉଭୟ ସମ୍ପ୍ରଦାୟର ଲୋକମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶରେ ୩ ଅତିରିକ୍ତ ଏସ୍‌ପି, ୬ ଡିଏସ୍‌ପି, ୧୫ ଇନ୍ସପେକ୍ଟର, ୮୮ ଜଣ ଏସ୍‌ଆଇ ଓ ଏଏସ୍‌ଆଇଙ୍କ ସମେତ ୨୦ ପ୍ଲାଟୁନ ଫୋର୍ସ ମୁତୟନ ରହିଥିଲେ। ପୂଜା କମିଟିର ସଭାପତି ହରିପ୍ରସାଦ ନନ୍ଦୀ, ସମ୍ପାଦକ କୈଳାସ ଚନ୍ଦ୍ର ସାହୁଙ୍କ ସମେତ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଭସାଣି ହୋଇଥିଲା।

# କାମରେ ଲାଗୁନି 'ଆମ ଅମୃତଝର'

କେନ୍ଦୁଝର,୧୮।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପୌରପାଳିକା ପକ୍ଷରୁ କାର୍ଯ୍ୟାଳୟ ସମ୍ମୁଖରେ ସର୍ବସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ପ୍ରତିଷ୍ଠା ହୋଇଥିବା 'ଆମ ଅମୃତଝର' କାମରେ ଲାଗୁନାହିଁ। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହା ଅଚଳ ହୋଇପଡ଼ିଥିବାରୁ ଲୋକେ ବିଶୁଦ୍ଧ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି।

ପ୍ରକାଶ ଯେ, ପ୍ରକଳ୍ପ ଏହା ୨୦୨୩ ଏପ୍ରିଲ ୨୦ରେ ପୌରାଧ୍ୟକ୍ଷା ନିକୁ ସାହୁ, ଉପାଧ୍ୟକ୍ଷ ବରୋଦା ପ୍ରସନ୍ନ ଦାସ, ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଆଇଏସ୍ ଅଧିକାରୀ ଧ୍ୱମନ ଚକମା, ଅତିରିକ୍ତ ନିର୍ବାହୀ ଅଧିକାରୀ ଡା. ମଧୁସ୍ମିତା ସାମନ୍ତରାୟ, ୮ ନମ୍ବର ୱାର୍ଡ କାଉନ୍‌ସିଲର ଦୟାନିଧି ପାତ୍ର ଉପସ୍ଥିତିରେ ଲୋକାର୍ପଣ ହୋଇଥିଲା। ମାତ୍ର ଲୋକାର୍ପଣର ୬ ମାସ ପରେ ଅଚଳ ହୋଇଯାଇଥିଲେ ହେଁ ସ୍ଥାପନା କରିଥିବା ସଂସ୍ଥା ସଜାଡ଼ନାହିଁ। ଏହି ରାସ୍ତା ଦେଇ ପୌରପାଳିକାର ଯନ୍ତ୍ରୀ ତଥା ଅନ୍ୟ କର୍ମଚାରୀମାନେ ଯିବା ଆସିବା କରନ୍ତି। ମାତ୍ର ଏହାକୁ କାର୍ଯ୍ୟକ୍ଷମ କରିବାକୁ କାହାରି ଆନ୍ତରିକତା ନାହିଁ। ଏପରିକି ନିର୍ବାହୀ ଅଧିକାରୀ ଡାକ୍ତର ସାମନ୍ତରାୟ କହିଛନ୍ତି, ପ୍ରକଳ୍ପର କେତେକ ଯନ୍ତ୍ରପାତି ଚୋରି ହୋଇଯାଇଥିବାରୁ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଯନ୍ତ୍ରପାତି ଆସିଲେ ଲୋକଙ୍କୁ ସେବା ଯୋଗାଇ ଦିଆଯିବ। ପୌରପାଳିକା ପକ୍ଷରୁ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟକ୍ଷମ କରବାକୁ ଦାବି ହେଉଛି।




ଅଚଳ ହୋଇପଡ଼ିଥିବା ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ ସହ ବାଲେଶ୍ୱର ଆଲଏଜ୍‌ର ଏମ୍‌ଓୟୁ

ବାଲେଶ୍ୱର,୧୮।୧୦ (ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ିସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ସମ୍ମିଳନୀ କକ୍ଷରେ ଡିସର୍ଟେସନ୍ ଅଧ୍ୟୟନ ଏବଂ ଇଣ୍ଟର୍ନଶିପ୍ ଲାଗି ବାଲେଶ୍ୱର ଆଲଏଜ୍ ଲିମିଟେଡ୍ ତରଫରୁ ବିଭିନ୍ନ ବିଭାଗର ଛାତ୍ରୀଛାତ୍ରଙ୍କୁ ନିରନ୍ତର ସମର୍ଥନ ପ୍ରଦାନ ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି।

ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ଡ. ପଙ୍କଜ କୁମାର ପାଢୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଂଯୋଜିତ ହୋଇଥିଲା। ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ଏହି ଏମଓୟୁ ସ୍ୱାକ୍ଷରକୁ ଅଭିନନ୍ଦନ ଜଣାଇ ଆଗାମୀ ଦିନରେ ଏହା ଛାତ୍ରୀଛାତ୍ରଙ୍କୁ ଶିଳ୍ପ ବିକଶିତ ନିଯୁକ୍ତି କ୍ଷେତ୍ରରେ ସହାୟକ ହୋଇପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ବୁଝାମଣାପତ୍ର ସ୍ୱାକ୍ଷର ବୈଠକରେ ବାଲେଶ୍ୱର ଆଲଏଜ୍ ଲିମିଟେଡର ଭାଇସ୍ ପ୍ରେସିଡେଣ୍ଟ ପୁନମ୍ ୱାନଙ୍ଗନୁ ଉପସ୍ଥିତ ହୋଇ ଶିଳ୍ପ କ୍ଷେତ୍ରରେ ସ୍ଥାନିତ ପାଇଁ ଛାତ୍ରୀଛାତ୍ରଙ୍କୁ ସକ୍ଷମ କରିବା ସହ ଉଭୟ ସଙ୍ଗଠନର ଅଧ୍ୟାପକ ଏବଂ କର୍ମଚାରୀମାନେ ଶିଳ୍ପ ସହିତ ଏକାଡେମିକ୍ ଇଣ୍ଟରଫେସ୍ ଧାରାରେ ଗବେଷଣା କାର୍ଯ୍ୟକଳାପକୁ ଦୃଢ଼ୀଭୂତ କରିବା ଓ ଉକ୍ତ ଦିଗରେ ଉତ୍ସାହିତ କରିବାର ସୁଯୋଗ ହିଁ ଏହି ବୁଝାମଣାପତ୍ରର ପ୍ରଧାନ ଉଦ୍ଦେଶ୍ୟ ରହିବା ନେଇ ଉଲ୍ଲେଖ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଛାତ୍ରୀଛାତ୍ରଙ୍କୁ ଏହି ବୁଝାମଣାପତ୍ରର ସୁଯୋଗ ନେଇ ନିଜର କ୍ଷେତ୍ର ଅଧ୍ୟୟନ ଓ ଜ୍ଞାନର ପ୍ରୟୋଗକୁ ଆହୁରି ପ୍ରଭାବଯୁକ୍ତ କରିବାକୁ ବାର୍ତ୍ତା ଦେଇଥିଲେ। ଏଥିସହ ବିଶ୍ୱବିଦ୍ୟାଳୟର ସିଓଏଫ୍ ମାନସ କୁମାର ପାତ୍ର ଛାତ୍ରୀଛାତ୍ରଙ୍କୁ ସକ୍ଷମ ହୋଇ ବୁଝାମଣାପତ୍ରର ନିୟମାବଳୀ ଆଧାରରେ ନିଯୁକ୍ତି ସୁଯୋଗର ଲାଭ ନେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ଆଲଏଜ୍ ଲିମିଟେଡର କାର୍ଯ୍ୟକାରୀ ନିର୍ଦ୍ଦେଶକ ସି. ସୁରେଶବାବୁଙ୍କ ସମେତ ପରିବେଶ ବିଜ୍ଞାନ ବିଭାଗ, ରସାୟନ ବିଜ୍ଞାନ ଓ ଅନ୍ୟାନ୍ୟ ବିଭାଗର ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଞ୍ଚାଳନ ପ୍ରଫେସର ଡ. ପଙ୍କଜ କୁମାର ପାଢ଼ୀ କରିଥିବା ବେଳେ ରସାୟନ ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ସୁରେନ୍ଦ୍ର ହାଂସଦା ଧନ୍ୟବାଦ ଦେଇଥିଲେ।




ଏମ୍‌ଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ସିଲୁ



@ଅନୁରାଧା



@ଶଶିକାନ୍ତ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

# ବିଜ୍ଞାନ, ଗଣିତ ଓ ପରିବେଶ ଅଧ୍ୟୟନ ପ୍ରଦର୍ଶନୀ ମେଳା




କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ମୋରଡ଼ା,୧୮।୧୦(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡାସ୍ଥିତ ଆଦର୍ଶ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଜୁନିୟର, ସିନିୟର ଏବଂ ସୁପର ସିନିୟର ବିଭାଗର ମୋଟ ୧୧୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜୁନିୟର ବିଭାଗରେ ବର୍ଷା ଜଳରୁ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ପାଇଁ ବିକାଶ ମୁଦୁଲି ଓ ପ୍ରକାଶ ବେହେରା ପ୍ରଥମ, ଅରୁନ୍ଧତୀ ଅପରାଜିତା ମହାନ୍ତ ଦ୍ୱିତୀୟ, ଦେବୁକିଶୋର ମହାନ୍ତ ସ୍ମାର୍ଟ ଘର ପାଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିନିୟର ବିଭାଗରେ ସୋଲାର ରୋଡ୍‌ୱେ ପ୍ରକଳ୍ପ ପାଇଁ ପ୍ରଥମ, ପବିତ୍ର ଦାସ ଦ୍ୱିତୀୟ, ଜୟପ୍ରକାଶ ଧଳ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସୁପର ସିନିୟର ବିଭାଗରେ ତ୍ରିକୋଣମିତି ପାର୍କ ପାଇଁ ଦେବଯାନୀ ତୁଙ୍ଗ ଓ ବିଦୁସ୍ମିତା ବେହେରା ପ୍ରଥମ, ରଶ୍ମିତା ମହାନ୍ତ ଓ ଲକ୍ଷ୍ମୀପ୍ରିୟା ମହାନ୍ତ ଦ୍ୱିତୀୟ, ସ୍ୱାତି ଭୋଇ ଓ ସୀମାରାଣୀ ଭୋଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଭିଏଏସ୍ ପଙ୍କଜ କୁମାର ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ମନୋରଞ୍ଜନ ବେହେରା ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ପୁରୀରୁ ଧରାପଡ଼ିଲେ ମୁଖ୍ୟ ଅଭିଯୁକ୍ତ

## ସ୍ୱାସ୍ଥ୍ୟ କର୍ମୀ ବସନ୍ତ ସାହୁ ହତ୍ୟା ଘଟଣା

ଧାମନଗର,୧୮।୧୦(ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆନ୍ଦିଆ)

ବହୁଚର୍ଚ୍ଚିତ ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତ ବନ୍ଧଟିଆ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟକର୍ମୀ ବସନ୍ତ ସାହୁଙ୍କ ହତ୍ୟାର ଏକ ମାସ ପରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ପୁରୀର ଏକ ହୋଟେଲରୁ ମଙ୍ଗଳବାର ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଧାମନଗର ବ୍ଲକ୍ ଅସୁରାଳି ପଞ୍ଚାୟତ ଅନ୍ତର୍ଗତ ବଢ଼ି ଗ୍ରାମର ଅଜିତ୍ ସାହୁ। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ସ୍ୱାସ୍ଥ୍ୟ କର୍ମୀ ବସନ୍ତଙ୍କ ମୃତଦେହ ସେପ୍ଟେମ୍ବର ୧୬ ସକାଳେ ଧାମନଗର–ଦୋବଲ ରାସ୍ତାର ରାଣୀପୋଖରୀ ହୁଡ଼ା ନିକଟରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଥିଲା। ପୋଲିସ ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲା। ବସନ୍ତଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ବଡ଼ଭାଇ ସନ୍ତୋଷ ସାହୁ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା(ନଂ.୪୩୮/୨୩) ରୁଜୁ କରି ଲିଙ୍ଗରାଜ ସାହୁଙ୍କୁ ଗିରଫ କରିଥିଲା। ମାତ୍ର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଳମ୍ବ କରିବାରୁ ବସନ୍ତଙ୍କ ପରିବାର ଓ ଗୋବିନ୍ଦପୁର ଗ୍ରାମବାସୀ ଥାନା ଏବଂ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଥିଲେ। ମୁଖ୍ୟ ଅଭିଯୁକ୍ତ ଅଜିତଙ୍କ ସ୍ତ୍ରୀଙ୍କ ସହିତ ବସନ୍ତଙ୍କର ଅନୈତିକ ସମ୍ପର୍କ ଥିବା କାରଣରୁ ଏହି ହତ୍ୟାକାଣ୍ଡ ଘଟିଥିବା ନେଇ ଏତଲାରେ ଉଲ୍ଲେଖଥିବା ପୋଲିସ କହିଛି।

